ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK | ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.268 Bhubaneswar Tuesday December 13 2022 | ୨୫ତମ ବର୍ଷ ସଂଖ୍ୟା-୨୬୮ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## କ୍ଷୁବ୍ଧ ହେଲେ ସୁପ୍ରିମକୋର୍ଟ; କହିଲେ-ସମ୍ଭାଳି ନପାରିଲେ ଆମକୁ କୁହ



ଭୁବନେଶ୍ୱର, ୧୨।୧୨(ପି.ଏନ): ଆନ୍ଦୋଳନକାରୀ ଓକିଲଙ୍କ ପ୍ରତି ସୁପ୍ରିମ୍ ?କୋର୍ଟଙ୍କ କଡା ଆଭିମୁଖ୍ୟ ସତ୍ତ୍ୱେ ଆନ୍ଦୋଳନକୁ ନେଇ ଅପ୍ରୀତିକର ସ୍ଥିତି ଏଡାଇ ଦିଆଯାଇପାରୁନି। ସର୍ବୋଚ୍ଚ କୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ଆଜି ପୁଣି ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆଇନଜୀବୀ। ଏପରିକି ସମ୍ବଲପୁରରେ ଆନ୍ଦୋଳନ ଏମିତି ଉଗ୍ର ରୂପ ନେଇଛି ଯେ ଆନ୍ଦୋଳନକାରୀ ବିଚାରପତିଙ୍କ ଚାମ୍ବରରେ ପଶି ଭଙ୍ଗାରୁଜା କରିବାକୁ ବି ପଛେଇ ନାହାନ୍ତି। ଏପଟେ ସର୍ବୋଚ୍ଚ କୋର୍ଟଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ଆଇନଜୀବୀଙ୍କ ଏଭଳି କୋର୍ଟ ବର୍ଜନ ଓ ଉଗ୍ର ଆନ୍ଦୋଳନକୁ ଦେଖି ଆଜି ରାଜ୍ୟ ପୁଲିସ୍ ଡିଜିଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି ସୁପ୍ରିମ୍ ?କୋର୍ଟ। ଦୁଇ ଜଣିଆ ଖଣ୍ଡପୀଠ ଜଷ୍ଟିସ୍ ସଂଜୟ କିଷାନ୍ କାଉଲ୍ ଓ ଜଷ୍ଟିସ୍ ଅଭୟ ଏସ୍ ଓକାଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ଆନ୍ଦୋଳନର ଭିଡିଓ ଫୁଟେଜ୍ ଦେଖି କୋର୍ଟ କହିଛନ୍ତି ଆନ୍ଦୋଳନରତ ଆଇନଜୀବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପୁଲିସର ବିଫଳତା। ଯଦି ଓଡ଼ିଶା ପୁଲିସ୍ ଏହି ଆନ୍ଦୋଳନକୁ ସମ୍ଭାଳିବାରେ ଅସମର୍ଥ ତେବେ, ଆମକୁ କୁହନ୍ତୁ। ଆମେ ଓଡ଼ିଶାରେ କୋର୍ଟର କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ପାରାମିଲିଟାରୀ ଫୋର୍ସ ନିୟୋଜିତ କରିବୁ।କେବଳ ସେତିକି ନୁହେଁ, ଏନେଇ ଡିଜି ଓ ସମ୍ବଲପୁର ଆଇଜିଙ୍କୁ ବୁଧବାର ଭିଡିଓ କନ୍ ?ଫରେନ୍ସିଂ ଜରିଆରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ସମ୍ବଲପୁରରେ ଗତ ୩୦ ତାରିଖ ଭଳି ସ୍ଥିତି ଆଜି ସୃଷ୍ଟି ହୋଇଥିଲା। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲ ସଂଘ ଓ ବିଭିନ୍ନ ସାମାଜିକ ସଂଗଠନର ସତ୍ୟାଗ୍ରହ ବେଳେ ପୁଲିସ-ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। କୁରୁକ୍ଷେତ୍ର ପାଲଟିଲା କଚେରୀ ଛକ। ଉଗ୍ର ଆନ୍ଦୋଳନ ସାଙ୍ଗକୁ ଆଡ୍ ?ଭୋକେଟ୍ ଜେନେରାଲ୍‌ଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ପୁଲିସ ବ୍ୟାରିକେଡ୍ ଭାଙ୍ଗି କୋର୍ଟ ଭିତରକୁ ଧସେଇ ପଶିଛନ୍ତି। ଏପରିକି ବିଚାରପତିଙ୍କ ଚାମ୍ବରରେ ପଶି ନିର୍ଭୟରେ ଚେୟାର ଟେବୁଲ, କାଚ୍ ଝରକା ଯାହା ପାଇଲେ ଭଙ୍ଗାରୁଜା କରିଛନ୍ତି।ଅନ୍ଦୋଳନ ନେଇ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର କହିଛନ୍ତି, ବିଚାରପତିମାନଙ୍କୁ ପୁଲିସ ନିଜ ଗାଡିରେ ବସାଇ ଅସୁରକ୍ଷିତ ରାସ୍ତା ଯୋଗେ ଲୁଚାଛପାରେ କୋର୍ଟ ପହଞ୍ଚାଇଛି। ଯାହାକୁ ନେଇ ସାଧାରଣ ଲୋକଙ୍କ କ୍ଷୋଭ ଆଜି ଦେଖିବାକୁ ମିଳିଛି। ଏଥିପାଇଁ କେବଳ ପୁଲିସ ହିଁ ଦାୟି।ସମ୍ବଲପୁର ଏସ୍ପି ବି.ଗଙ୍ଗାଧର କହିଛନ୍ତି, ଆନ୍ଦୋଳନକାରୀ ବିଚାରପତିଙ୍କୁ ଅଟକାଇବାକୁ ଉଦ୍ୟମ କରିଛନ୍ତି ଓ କୋର୍ଟ ରୁମ୍ ?ରେ ପଶି ଭଙ୍ଗାରୁଜା କରିଛନ୍ତି। ଏନେଇ ପୁଲିସ ପକ୍ଷରୁ ଏତଲା ହୋଇଛି। କୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ଏଭଳି କାଣ୍ଡ ଭିଆଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।ସୂଚନା ଥାଉକି, କେବଳ ସମ୍ବଲପୁର ନୁହେଁ ସ୍ଥାୟୀ ବେଞ୍ଚ ଦାବି ଏବଂ ଲାଇସେନ୍ସ ବାତିଲ ନେଇ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶର ପ୍ରତିବାଦରେ ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼, ଦେବଗଡ଼, ବଲାଙ୍ଗୀର, ଧର୍ମଗଡ଼ ଏବଂ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁରରେ ମଧ୍ୟ କୋର୍ଟ ଆଗରେ ଆନ୍ଦୋଳନ କରିଥିଲେ ଆଇନଜୀବୀ। ସେହିପରି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ଅଗଣତାନ୍ତ୍ରିକ ଦର୍ଶାଇ ନିଖିଳ ଓଡ଼ିଶା ଆଇନଜୀବୀ ମହାସଂଘ ଡାକରାରେ ଭୁବନେଶ୍ୱର ଓ ବାଲେଶ୍ୱର ଜିଲ୍ଲା ଗୌରାଜଜ୍‌ଙ୍କ କୋର୍ଟ ଆଗରେ ମଧ୍ୟ ସତ୍ୟାଗ୍ରହ କରିଥିଲେ ସଂଘର ସଦସ୍ୟମାନେ।କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆବାହକ ଅଶୋକ କୁମାର ଦାଶ କହିଛନ୍ତି, ଆନନ୍ଦୋଳନକୁ ଦୁର୍ବଳ କରିବାକୁ ଯେଉଁ ଯୋଜନା କରାଯାଇଛି ତାହା ବିରୋଧରେ ରାଜ୍ୟର ୧୭୨ ଓକିଲ ସଂଘ ପ୍ରତିବାଦକୁ ଓହ୍ଲାଇଛନ୍ତି।ତେବେ କୋର୍ଟଙ୍କ ଏହି ନିର୍ଦ୍ଦେଶ ଉପରେ ପ୍ରତିକ୍ରିୟା ରଖି ଗଞ୍ଜାମ ଓକିଲ ସଂଘ କହିଛି, ଆନ୍ଦୋଳନରେ କୋର୍ଟ କାର୍ଯ୍ୟରେ ବାଧା ସୃଷ୍ଟି ହୋଇ ନାହିଁ। ହେଲେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଗଞ୍ଜାମ ଓକିଲ ସଂଘ ସଦସ୍ୟ ପ୍ରଫୁଲ୍ଲ ଗୌଡ଼ କହିଛନ୍ତି, ସୁପ୍ରିମ୍‌କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇ ଓକିଲଙ୍କ ସମସ୍ୟା ବୁଝିବାକୁ କହିଥିଲେ ଭଲ ହୋଇଥାନ୍ତା। ହେଲେ ଏହା ହୋଇନି। ତେଣୁ ଦାବିପୂରଣ ପର୍ଯ୍ୟନ୍ତ ଅନ୍ଦୋଳନ ଜାରି ରହିବ।ଏଭଳି ସ୍ଥିତିରେ ଆନ୍ଦୋଳନ ଆଗକୁ କେଉଁ ମୋଡ ନେଉଛି, ଓକିଲଙ୍କୁ ଆନ୍ଦେଳନରୁ ନିବୃତ୍ତ କରାଇବାକୁ ପୁଲିସ କି ପଦକ୍ଷେପ ନେଉଛି ଓ କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ କଣ ରହୁଛି, ଏବେ ତା ଉପରେ ନଜର।

## ଶପଥ ନେଲେ ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା, ଶପଥ ପାଠ କରାଇଲେ ବାଚସ୍ପତି

ଭୁବନେଶ୍ୱର, ୧୨।୧୨(ପି.ଏନ); ପଦମପୁରର ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ସୋମବାର ଦିନ ବିଧାୟିକା ଭାବେ ଶପଥ ନେଇଛନ୍ତି । ବାଚସ୍ପତି ବିକ୍ରମ କେଶରୀ ଆରୁଖ ବର୍ଷାଙ୍କୁ ଶପଥ ପାଠ କରାଇଛନ୍ତି । ଶପଥ ଗ୍ରହଣ ପରେ ଉପନିର୍ବାଚନ ସମୟରେ ପଦମପୁରବାସୀଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବେ ବୋଲି ବର୍ଷା କହିଛନ୍ତି। ସେମାନଙ୍କ ପାଖରେ ରହି ସେବା କରିବେ ବୋଲି ବର୍ଷା କହିଛନ୍ତି ।ଲୋକ କିପରି ସରକାରୀ ଯୋଜନାର ସୁବିଧା ପାଇପାରିବେ, ସେନେଇ ଗୁରୁତ୍ୱ ଦେବା ସହ ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦେବେ ବୋଲି ସେ କହିଛନ୍ତି। ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ, ଜଳସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରିତା ସାହୁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ସୁଶାନ୍ତ ସିଂ, ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ବିଧାନସଭାର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।ଉଲ୍ଲେଖନୀୟ ଯେ ବିଜୟ ରଞ୍ଜନ ସିଂ ବରିହାଙ୍କ ବିୟୋଗ ପରେ ଗତ ପାଂଚ ତାରିଖ ଦିନ ପଦମପୁରରେ ଉପନିର୍ବାଚନ ହୋଇଥିଲା। ଡିସେମ୍ବର ୮ ତାରିଖ ଦିନ ଏହାର ଗଣତି ହୋଇଥିଲା। ଏଥିରେ ବଡ଼ ବ୍ୟବଧାନରେ ବର୍ଷା ବିଜୟୀ ହୋଇଥିଲେ । ଶପଥ ନେବା ପୂର୍ବରୁ ଗତ ଶନିବାର ବର୍ଷା ବାଚସ୍ପତି ଶ୍ରୀ ଆରୁଖଙ୍କ ସରକାରୀ ବାସଭବନକୁ ଯାଇ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହା ପୂର୍ବରୁ ବର୍ଷା ବିଜେଡି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ।

## ୨୯ ଜଣ ଓକିଲଙ୍କ ଲାଇସେନ୍ସ ୧୮ ମାସ ପାଇଁ ସସ୍‌ପେଣ୍ଡ



ନୂଆଦିଲ୍ଲୀ, ୧୨।୧୨(ପି.ଏନ): ସମ୍ବଲପୁର କୋର୍ଟରେ ଓକିଲଙ୍କ ଧସ୍ତାଧସ୍ତି ଘଟଣାରେ କାର୍ଯ୍ୟାନୁଷ୍ଠାନ। ସମ୍ବଲପୁର ବାର୍‌ର ୨୯ ଜଣ ଓକିଲଙ୍କ ଲାଇସେନ୍ସ ୧୮ ମାସ ପାଇଁ ସସ୍ ?ପେଣ୍ଡ କଲା ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ। ଏନେଇ ପ୍ରେସ୍ ଇସ୍ତାହାରରେ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ଠାରୁ ତତ୍କାଳ ୨୯ ଜଣ ଓକିଲଙ୍କୁ ସସ୍ ?ପେଣ୍ଡ ଲାଗି ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।ସୂଚନା ଥାଉକି, ଆନ୍ଦୋଳନକାରୀ ଓକିଲଙ୍କ ପ୍ରତି ସୁପ୍ରିମ୍ ?କୋର୍ଟଙ୍କ କଡା ଆଭିମୁଖ୍ୟ ସତ୍ତ୍ୱେ ଆନ୍ଦୋଳନକୁ ନେଇ ଅପ୍ରୀତିକର ସ୍ଥିତି ଏଡାଇ ଦିଆଯାଇପାରୁନି। ସର୍ବୋଚ୍ଚ କୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ଆଜି ପୁଣି ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଥିଲେ ଆଇନଜୀବୀ। ଏପରିକି ସମ୍ବଲପୁରରେ ଆନ୍ଦୋଳନ ଏମିତି ଉଗ୍ର ରୂପ ନେଇଥିଲା ଯେ ଆନ୍ଦୋଳନକାରୀ ବିଚାରପତିଙ୍କ ଚାମ୍ବରରେ ପଶି ଭଙ୍ଗାରୁଜା କରିବାକୁ ବି ପଛେଇ ନାହାନ୍ତି।ଆଇନଜୀବୀଙ୍କ ଏଭଳି ଆଭିମୁଖ୍ୟକୁ ନେଇ ସୁପ୍ରିମ୍ କୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଯଦି ଓଡ଼ିଶା ପୁଲିସ୍ ଏହି ଆନ୍ଦୋଳନକୁ ସମ୍ଭାଳିବାରେ ଅସମର୍ଥ ତେବେ, ଆମକୁ କୁହନ୍ତୁ। ଆମେ ଓଡ଼ିଶାରେ କୋର୍ଟର କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ପାରାମିଲିଟାରୀ ଫୋର୍ସ ନିୟୋଜିତ କରିବୁ ବୋଲି ସୁପ୍ରିମ୍ କୋର୍ଟ ଆଜି କହିଥିଲେ।

## ଇଡିରେ ହାଜର ହେଲେ ଚର୍ଚ୍ଚିତ ମିଶ୍ର

ଭୁବନେଶ୍ୱର, ୧୨।୧୨(ପି.ଏନ); ଇଡିରେ ହାଜର ହୋଇଛନ୍ତି ମହିମା ମିଶ୍ରଙ୍କ ପୁଅ ଚର୍ଚ୍ଚିତ ମିଶ୍ର। ପୂର୍ବତନ ଆଇଏଫଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ବିଏମଡବ୍ଲୁ ଗାଡ଼ି କିଣା ମାମଲାରେ ଚର୍ଚ୍ଚିତ ଭୁବନେଶ୍ୱର ଇଡି ଅଫିସରେ ହାଜର ହେବା ପାଇଁ ନୋଟିସ୍ ଜାରି କରାଯାଇଥିଲା। ଇଡିର ନୋଟିସ ଆଧାରରେ ଚର୍ଚ୍ଚିତ ସୋମବାର ଇଡିରେ ହାଜର ପରେ ତାଙ୍କୁ ଜେରା କରିଛି। ୨ ଘଂଟାର ଜେରା ପରେ ଚର୍ଚ୍ଚିତ ଇଡି ଅଫିସ୍ ରୁ ବାହାରିଥିବା ଜଣାପଡିଛି।

## ୧୮ ଟିକିଆ ହାତୀପଲ ଜଙ୍ଗଲ ମୁହାଁ

କଟକ, ୧୨।୧୨(ପି.ଏନ); ମହାନଦୀ ପଠାରେ ଥିବା ୧୮ ଟିକିଆ ହାତୀପଲ ଜଙ୍ଗଲ ମୁହାଁ ହୋଇଛନ୍ତି। ହାତୀପଲ ପାଣି ଭିତରେ ନୂଆପାଟଣା ମଧୁସୂଦନ ବ୍ରିଜ୍ ପାର୍ କରି ଆଠଗଡ଼ ବନଖଣ୍ଡ ବଉଳ ଜଙ୍ଗଲକୁ ଫେରିଛନ୍ତି । ରାତିସାରା ବନ କର୍ମଚାରୀଙ୍କ ଅକ୍ଳାନ୍ତ ଉଦ୍ୟମ ପରେ ଶେଷରେ ଜଙ୍ଗଲ ମୁହାଁ ହୋଇଛନ୍ତି ହାତୀପଲ ।

## ଭୂପେନ୍ଦ୍ର ପଟେଲ ଦ୍ୱିତୀୟଥର ହେଲେ ମୁଖ୍ୟମନ୍ତ୍ରୀ , ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପସ୍ଥିତିରେ ୧୬ ମନ୍ତ୍ରୀଙ୍କ ସହିତ ନେଲେ ଶପଥ

ଅହମ୍ମଦାବାଦ, ୧୨।୧୨(ପି.ଏନ); ଗୁଜୁରାଟ ବିଧାନସଭା ନିର୍ବାଚନରେ ୧୫୬ ସିଟ୍‌ର ଐତିହାସିକ ଜିତ୍ ପରେ ଭାଜପାର ଭୂପେନ୍ଦ୍ର ପଟେଲ ମନ୍ତ୍ରିମଣ୍ଡଳ ସୋମବାର ଦିନ ଗାନ୍ଧୀନଗର ସ୍ଥିତ ହେଲିପେଡ଼ ଗ୍ରାଉଂଟରେ ଶପଥ ଗ୍ରହଣ କରିଛନ୍ତି। ତାଙ୍କ ସହିତ ୬ କ୍ୟାବିନେଟ ମନ୍ତ୍ରୀ, ୨ ସ୍ୱତନ୍ତ୍ର ପ୍ରଭାର ରାଜ୍ୟମନ୍ତ୍ରୀ ଏବଂ ୮ ରାଜ୍ୟମନ୍ତ୍ରୀ ଶପଥ ନେଇଛନ୍ତି। ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ ସମେତ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ମନ୍ତ୍ରୀ ସାମିଲ ହୋଇଥିଲେ।ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଭୂପେନ୍ଦ୍ର ଭାଇ ପଟେଲଙ୍କୁ ଶପତ ଦେଇଥିଲେ। ତାଙ୍କ ପରେ ୬ କ୍ୟାବିନେଟ୍ ମନ୍ତ୍ରୀ କନ୍ନୁ ଦେଶାଇ, ଋଷିକେଶ ପଟେଲ, ରାଘବଜୀ ପଟେଲ, ବଲବନ୍ତ ସିଂହ ରାଜପୁତ, କୁଂବରଜୀ ବାବଲିୟା, ମୁଳୁ ଭାଇ ବେରା, ଭାନୁବେନ ବାବଲିୟା, ମୁଳୁ ଭାଇ ବେରା, ଭାନୁବେନ ବାବଲିୟା, କୁବେର ଡିଂଡୋରଙ୍କୁ ଶପଥ ଦେଇଛନ୍ତି।ଦୁଇ ସ୍ୱତନ୍ତ୍ର ପ୍ରଭାର ରାଜ୍ୟମନ୍ତ୍ରୀଙ୍କ ମଧ୍ୟରେ ହର୍ଷ ସଂଘବୀ ଏବଂ ଜଗଦୀଶ ବିଶ୍ୱକର୍ମା ଶପଥ ନେଇଛନ୍ତି। ଅନ୍ୟ ୬ ରାଜ୍ୟମନ୍ତ୍ରୀ ମୁକେଶ ପଟେଲ, ପରସୋତମ ସୋଲଙ୍କି, ବଚୋଭାଇ ଖାଓ୍ୱଡ଼, ପ୍ରଫୁଲ୍ଲ ପାନସେରିୟା, କୁଂବରଜୀ ହଲପତି ଏବଂ ଭି. ଭୀଖୁସିଂହ ପରମାର ଶପଥ ନେଇଛନ୍ତି।

## ଅର୍ଚ୍ଚନା ନାଗଙ୍କୁ ପୁଣି ଥରେ ରିମାଣ୍ଡରେ ନେବାକୁ ଇଡି ର ଯୋଜନା

ଭୁବନେଶ୍ୱର, ୧୨।୧୨(ପି.ଏନ): ବହୁଚର୍ଚ୍ଚିତ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପୁଣି ଥରେ ଅର୍ଚ୍ଚନା ନାଗଙ୍କୁ ରିମାଣ୍ଡରେ ନେବାକୁ ଯୋଜନା କରୁଛି । ଆଜି ଅର୍ଚ୍ଚନାଙ୍କ ରିମାଣ୍ଡ ସମାପ୍ତ ହେଉଛି । ଅନ୍ୟ ପକ୍ଷରେ ସେ ଇଡିକୁ ତଦନ୍ତରେ ସହଯୋହ କରୁ ନ ଥିବା କାରଣରୁ ଇଡି ତାଙ୍କୁ ପୁଣି ଥରେ ରିମାଣ୍ଡରେ ନେବାକୁ ଯୋଜନା କରୁଥିବା ଜଣା ପଡିଛି ।

## କିସ୍‌ରେ କଳିଙ୍ଗ ଫେଲୋସିପ୍ -୨୦୨୨ ଉଦ୍‌ଘାଟିତ




ଭୁବନେଶ୍ୱର,(ପି.ଏନ): ଓଡିଶାର ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଆମକୁ ବାଲ୍ୟ ବିବାହ ରୋକିବା ଦିଗରେ କାର୍ଯ୍ୟ କରିବାର ଆବଶ୍ୟକ ରହିଛି ବୋଲି ଭୁବନେଶ୍ୱର-କଟକ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଆଜି କିସ୍‌ରେ ଅନୁଷ୍ଠିତ କଳିଙ୍ଗ ଫେଲୋସିପ୍-୨୦୨୨ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ କହିଥିଲେ, ଆଇନତଃ ଏହା ଅପରାଧ ହୋଇଥିଲେ ମଧ୍ୟ ଏବେ ବି ଏଭଳି ଘଟଣା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳୁଛି। ଯେଉଁ ଜାଗାରେ ଅଭିଯୋଗ ଆସୁଛି ସେଠି ପ୍ରଶାସନ ଏହାକୁ ରୋକିବାରେ ସଫଳ ହେଉଛି। ଆଗରୁ ରାଜ୍ୟର ବିଭିନ୍ନ ପଛୁଆ ଜିଲାରେ ବାଲ୍ୟ ବିବାହ ଘଟଣା ଦେଖିବାକୁ ମିଳୁଥିଲା। ହେଲେ ଉପଯୁକ୍ତ ଶିକ୍ଷା ଏବଂ ସଚେତନତା ଆଭାବରୁ ରାଜଧାନୀର କିଛି ବସ୍ତି ଅଞ୍ଚଳରେ ଏହା ଦେଖିବାକୁ ମିଳୁଛି ବୋଲି ଶ୍ରୀ ପ୍ରିୟଦର୍ଶୀ କହିଥିଲେ। ଉଭୟ ପୁଅ ଝିଅର ବାପା ମାଙ୍କ ସହମତିରେ ଏହି ସବୁ ବାଲ୍ୟ ବିବାହ ହେଉଥିବାରୁ ଏହାକୁ ରୋକିବାରେ ପୋଲିସ୍‌କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ରୋକିବାକୁ ହେଲେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରାଯିବା ଦରକାର। ମାନବ ଚାଲାଣ, ବାଲ୍ୟ ବିବାହ ରୋକିବା କ୍ଷେତ୍ରରେ କାର୍ଯ୍ୟକରୁଥିବା ସମସ୍ତ ସଙ୍ଗଠନକୁ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରି ଆସୁଛି ବୋଲି ସେ କହିଥିଲେ। ଜାତିସଂଘର ଅନ୍ୟତମ ସ୍ଥାୟୀ ବିକାଶ ଲକ୍ଷ୍ୟ ଲିଙ୍ଗଗତ ହିଂସାର ମୂଳୋତ୍ପାଟନ ନିମନ୍ତେ ଆମ ରାଜ୍ୟ ଓଡ଼ିଶାର ସାମାଜିକ ମୂଲ୍ୟବୋଧ ଓ ପରମ୍ପରାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ଏହି କାର୍ଯ୍ୟକ୍ରମରେ ବ୍ରିଜ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୟୁକେ, ସିଇଓ ସାଇମନ୍ ମେକେନଜି ଯୋଗଦେଇ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ବିଷୟରେ କହିଥିଲେ। ଅନ୍ୟତମ ଅତିଥିଭାବେ ୟୁକେ ବ୍ରିଜ୍ ପାର୍ଟନରସିପ୍ କ୍ଲାଏଣ୍ଟ ଡାଇରେକ୍ଟର ଜନେ ସାସିନି ଯୋଗ ଦେଇଥିଲେ। ଶେଷରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଦକ୍ଷିଣ ଏସିଆରେ ମାନବ ଚାଲାଣ ରୋକିବା, ବାଲ୍ୟ ବିବାହ ରୋକିବା, ମହିଳା ଏବଂ ଶିଶୁଙ୍କ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କୁ ନେଇ ୭ଟି ଗ୍ରୁପ୍ ମଧ୍ୟରେ ଆଲୋଚନା ହୋଇଥିଲା। ବିଭିନ୍ନ ରାଜ୍ୟରୁ ୧୦୦ ଜଣ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

## ଭୁବନେଶ୍ୱର ରେଳ ଷ୍ଟେସନର ଆଧୁନିକୀକରଣ ପାଇଁ ଖୋଲିଲା କ୍ୟାମ୍ପ ଅଫିସ୍



ଭୁବନେଶ୍ୱର, ୧୨।୧୨(ପି.ଏନ): ଭୁବନେଶ୍ୱର ରେଳଷ୍ଟେସନର ଆଧୁନିକୀକରଣ ଓ ବିଶ୍ୱସ୍ତରୀୟ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ଭାରତୀୟ ରେଳବାଇ ପକ୍ଷରୁ ଭୁବନେଶ୍ୱର ରେଳଷ୍ଟେସନ ସମ୍ମୁଖରେ ଏକ ଅସ୍ଥାୟୀ କ୍ୟାମ୍ପ ଅଫିସ୍ କାର୍ଯ୍ୟ ଆରମ୍ଭ କରିଛି । ଗତ କିଛିବର୍ଷ ଧରି ରାଜ୍ୟ ସରକାର ଓ ରେଳବାଇ ମନ୍ତ୍ରଣାଳୟ ମଧ୍ୟରେ ଏହି ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ବୁଝାମଣା ହୋଇଥିଲା। ପରେ ଏହାକୁ ନିରସ୍ତ କରାଯିବା ସହ ଶେଷରେ ରେଳବାଇ ବିଭାଗ ନିଜେ ଏହି ଆଧୁନିକୀକରଣ ଦାୟିତ୍ୱ ହାତକୁ ନେଇ କାମ ଆରମ୍ଭ କରିଛି।ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପନାରାୟଣ ସୁନକର ଭୁବନେଶ୍ୱର ରେଳଷ୍ଟେସନରେ ଯାତ୍ରୀଙ୍କ ଅନୁକୂଳ ସୁବିଧା ସହିତ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ସମୀକ୍ଷା ଓ ତଦାରଖ କରିଛନ୍ତି । ଏଠାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସହିତ ଯାତ୍ରୀଙ୍କ ସୁବିଧା ଆଦି ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ସଠିକ୍ ସମନ୍ୱୟ ରକ୍ଷା କରି ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।ଏହି ଭିତ୍ତିଭୂମି ବିକାଶ ପ୍ରକ୍ରିୟାରେ ନୂଆ କୋଠା ନିର୍ମାଣ, କନକୋର୍ସ, ପ୍ଲାଟଫର୍ମ ଲାଇଟିଂ, ଓ୍ୱେଟିଂ ରୁମ୍, ଏୟାର କନସୋର୍ସ, ପ୍ଲାଟଫର୍ମ ଓ ପ୍ଲାଟଫର୍ମ ଆଶ୍ରୟସ୍ଥଳର ନବୀକରଣ, ଫୁଡ୍ କୋର୍ଟ ଜୋନ୍ ଓ ସପିଂ ଜୋନ, ବର୍ଜ୍ୟବସ୍ତୁ ପରିଚାଳନା, ଶୌଚାଳୟ, ସବୁ ପ୍ଲାଟଫର୍ମକୁ ଯୋଡିବା ପାଇଁ ଫୁଟ୍ ଓଭରବ୍ରିଜ ସମେତ ଲିଫ୍ଟ ଓ ଏସ୍କାଲେଟର ବ୍ୟବସ୍ଥା ସହ ଯାତ୍ରୀଙ୍କ ଆରାମ ଆଦି ସେବାକୁ ପ୍ରାଥମିକତା ଦିଆଯାଉଛି । ଏହାସହିତ ରାସ୍ତା, ଗାଡି ପାର୍କିଂ, ଡ୍ରେନ, ସାଇନେଜ ଓ ଡିଭାଇଡର ବ୍ୟବସ୍ଥା ମଧ୍ୟ ରହିଛି । ନୂଆ କୋଠାରେ ସୁସଜ୍ଜିତ ସର୍କୁଲାର କ୍ଷେତ୍ର ବ୍ୟତୀତ ଉଚ୍ଚମାନର ଡର୍ମିଟୋରୀ ଓ ବିଶ୍ରାମ ରୁମ୍ ମଧ୍ୟ ରହିବ । ଭୁବନେଶ୍ୱର ରେଳ ଷ୍ଟେସନର ପୁନଃ ବିକାଶ ଓ ଏହି ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ରେଳବାଇ ନିଜେ କରିବ । ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ୩୦୮କୋଟି ଟଙ୍କା ମଞ୍ଜୁର କରାଯାଇଛି । ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ସମ୍ପୃକ୍ତ ସଂସ୍ଥାକୁ କାର୍ଯ୍ୟ ଆବଂଟନ ସରିଛି । ପ୍ରକଳ୍ପ ନିର୍ମାଣ ଶେଷ କରିବା ପାଇଁ ସର୍ବାଧିକ ୨୪ମାସ ଅବଧି ରହିଛି।

## ପୂର୍ବତନ ସାଂସଦ ମୋହନ ଜେନାଙ୍କ ପରଲୋକ



ଯାଜପୁର : ପୂର୍ବତନ ସାଂସଦ ମୋହନ ଜେନାଙ୍କ ପରଲୋକ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଆଜି ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ ଯାଜପୁରରୁ ୨ଥର ସାଂସଦ ନିର୍ବାଚିତ ହୋଇଥିଲେ।ସୂଚନା ମୁତାବକ, ଅଣ କଂଗ୍ରେସ ନେତା ଭାବେ ସେ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିଲେ। ଏକଦା ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ସମ୍ପାଦକ ହୋଇଥିଲେ। ୨୦୦୪ରେ ସେ ବିଜେଡିରେ ଯୋଗଦେଇଥିଲେ। ଯାଜପୁର ପାଇଁ ବିଜେଡିରୁ ସାଂସଦ ଟିକେଟ୍ ପାଇ ଲ ?ଥିଲେ ଓ ବିଜୟୀ ମଧ୍ୟ ହୋଇଥିଲେ। ୨୦୦୯ରେ ମଧ୍ୟ ପୁନଶ୍ଚ ବିଜେଡିରୁ ଏମ୍ ?ପି ଟିକେଟ୍ ପାଇ ଲ ?ଥିଲେ ଓ ଯାଜପୁର ସାଂସଦ ହୋଇଥିଲେ। ହେଲେ ୨୦୧୪ରେ ତାଙ୍କୁ ବିଜେଡି ଆଉ ଟିକେଟ୍ ଦେଇ ନ ଥିଲା। ତେଣୁ ସେ ବିଜେଡି ଠାରୁ ଦୂରେଇ ଯାଇଥିଲେ। ୨୦୧୯ରେ ସେ ବିଜେପିରେ ଯୋଗ ଦେଇଥିଲେ।ମୋହନ ଜେନାଙ୍କ ବିୟୋଗ ନେଇ ତାଙ୍କ ଝିଅ ଆଦ୍ୟା ଅନନ୍ଦିତା କହିଛନ୍ତି, ହଠାତ୍ ଏହି ଘଟଣା ସମସ୍ତଙ୍କୁ ଦୁଃଖର ସାଗରେ ଭସାଇ ଦେଇଛି। ସେ ସୁସ୍ଥ ହୋଇଯିବେ ବୋଲି ସମସ୍ତଙ୍କର ଆଶା ଥିଲା। ସେ ଜଣେ ସାମାଜିକ କର୍ମୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ୪ ବର୍ଷ ହେବ ସେ କିଡ୍ ?ନୀ ରୋଗରେ ପୀଡିତ ରହିଥିଲେ। ନିୟମିତ ତାଙ୍କର ଡାଇଲିସିସ୍ ଚାଲିଥିଲା। ତେବେ ଗତମାସ ୨୦ ତାରିଖରେ ଯାଜପୁରର ଏକ ସାମାଜିକ ଉତ୍ସବରେ ଯୋଗଦେବାକୁ ଯାଇଥିବା ବେଳେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହୋଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ୨୧ ଦିନର ସଂଗ୍ରାମ ପରେ ସେ ହସ୍ପିଟାଲରେ ଆଖି ବୁଜି ଦେଇଛନ୍ତି। ମର ଶରୀରକୁ ଖାରବେଳନଗର ସ୍ଥିର ବାସଭବନକୁ ନିଆଯିବା ପରେ ସେଠାରୁ ଯାଜପୁର ସ୍ଥିତ ଜନ୍ମମାଟିକୁ ନେଇ ଶେଷ ସଂସ୍କାର କରାଯିବ ବୋଲି ଆଦ୍ୟା କହିଛନ୍ତି।ସେପଟେ ମୋହନଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ସେମତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି।






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ୍ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।



## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ିର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ଯ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ଡିସେମ୍ବର ୧୩**

# ପରିବର୍ତ୍ତିତ ଜୀବନଚିତ୍ର



'ପୁନରପି ଜନମମ୍ ପୁନରପି ମରଣମ୍/ପୁନରପି ଜନନୀ ଜଠରେ ଶୟନମ୍'-ଏହା ହେଉଛି ଭାରତୀୟ ଚେତନାର ମୂଳକଥା । ଏଠାରେ ମୃତ୍ୟୁ ଜୀବନର ଅନ୍ତିମ ବିନ୍ଦୁ ନୁହେଁ ବରଂ ଏହାକୁ ନୂତନ ପ୍ରବେଶ ଦ୍ୱାର ଭାବରେ ଗ୍ରହଣ କରାଯାଇଥାଏ । ଲୋକାନୁଭୂତିରେ ମଧ୍ୟ ଏହି ସତ୍ୟର ପ୍ରତିଫଳନ ବେଶ୍ ସୁସ୍ପଷ୍ଟ । ତେଣୁ ତ ଜୀବନ ଓ ଜଗତର ସତ୍ୟକୁ ଉନ୍ମୋଚନ କରିବାକୁ ଯାଇ କୋମଳମତି ଶିଶୁ ଆଗରେ ଆଇମା' କହେ- 'ମୋ କଥାଟି ସରିଲା, ଫୁଲ ଗଛଟି ମରିଲା' । କିନ୍ତୁ ନା' ଏଠି କଥା ସରେ, ନା' ଫୁଲଗଛ ମରେ । ପ୍ରଶ୍ନବାଚୀରୁ ଆରମ୍ଭ ହୁଏ-'ହଇରେ ଫୁଲଗଛ ତୁ କାହିଁକି ମଲୁ ?'ଏହି ପ୍ରଶ୍ନବାଚୀ ଏହି ଅନ୍ୱେଷାର ସୂତ୍ର ଅଦ୍ୟାବଧି ଖୋଜା ଚାଲିଛି ।

ଏଠାରେ କହିରଖେ ଭାରତୀୟ ଦର୍ଶନରେ ଯୁଗେ ଯୁଗେ ମାନବ ହେଉଛି ଅନ୍ୱେଷା ପଥର ପଥିକ । ଏହି ଅନ୍ୱେଷା ନାଭିରୁ ନଭ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଦିନେ ଭାରତୀୟ ଜୀବନଧାରାରେ ନଚିକେତା ଜୀବନର ସତ୍ୟ ଅନ୍ୱେଷଣରେ ଯମାଳୟକୁ ଗମନ କରିଥିବା କଥା ଉପନିଷଦ କହେ । ନଚିକେତାଠାରୁ ଏପରି ପ୍ରଶ୍ନ ଭାରତୀୟ ପରମ୍ପରାରେ ଅଦ୍ୟାବଧି ଅନୁରଣିତ ହୋଇଆସିଛି । ଏହି ଅନୁତ୍ତରିତ ଉତ୍ତର ଭିତରେ ଭାରତୀୟ ଜୀବନଯାତ୍ରାର ମହତ୍ତ୍ୱ ପ୍ରକଟିତ ହୋଇଛି । ପ୍ରକୃତରେ ଭାରତୀୟ ଜୀବନଧାରାରେ ଜୀବନ ହେଉଛି ଏକ ମହାଯାତ୍ରାର ଇତିବୃତ୍ତ । ଏ ଯାତ୍ରାଭିସାର ଅନ୍ଧ ହାତୀ ଦେଖିଲା ଭଳି । ଶୁଣ୍ଢରେ ପହଞ୍ଚିଲେ - ଶୁଣ୍ଢ ସତ୍ୟ କିମ୍ବା ଲାଞ୍ଜରେ ପହଞ୍ଚିଲେ ଲାଞ୍ଜ ସତ୍ୟ । ବାସ୍ତବିକ୍ କହିବାକୁ ଗଲେ ଭାରତୀୟ ସଂସ୍କୃତି ବିଶ୍ୱଜୀବନକୁ କରିଛି ସମୃଦ୍ଧ । ଜୀବନର ମୌଳିକ ପ୍ରଶ୍ନ ଉପରେ ଅନୁସନ୍ଧାନ ଭାରତବର୍ଷ ଭଳି ଅନ୍ୟ କୌଣସି ରାଷ୍ଟ୍ର ଏତେ ନିଷ୍ଠାର ସହ କରିପାରିନାହିଁ । ଭାରତୀୟ ପରମ୍ପରାର ନିର୍ମାତା ହେଉଛନ୍ତି ଏହି ସିଦ୍ଧ ସାଧକ ଗୋଷ୍ଠୀ । ସେମାନଙ୍କ ଅନୁଭୂତିଲବ୍ଧ ପ୍ରେରଣା ହିଁ ଏ ଜାତିକୁ ପ୍ରତ୍ୟେକ କ୍ଷେତ୍ରରେ ମହନୀୟ କରି ଗଢ଼ିତୋଳିଛି । ଏହା ସ୍ଥୂଳ ନଶ୍ୱର ଅସ୍ତିତ୍ୱ ଭିତରେ ସୀମାବଦ୍ଧ ହୋଇନାହିଁ । ଜୀବନର ରହସ୍ୟ ଉଦ୍‌ଘାଟନ ସହ ଆତ୍ମ-ଆବିଷ୍କାର ନିମନ୍ତେ ବହୁ ଉତ୍‌ଥାନ-ପତନ ଭିତରେ ଅନ୍ୱେଷଣର ମାର୍ଗ ଅବ୍ୟାହତ ରହିଛି । ମାନବର ଆଚରଣ ଓ ଉଚ୍ଚାରଣ ଏକ ଚୂଡ଼ାନ୍ତ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖି ଅଭ୍ୟୁଦୟ ପଥରେ ଅଗ୍ରସର ହେବା ସହ ଉତ୍ତରଣ ପଥକୁ ପ୍ରସାରିତ କରିଛି ।

ପ୍ରକୃତପକ୍ଷେ କହିବାକୁ ଗଲେ ଭାରତବର୍ଷ କେବଳ ଭୌଗୋଳିକ ସୀମା ବା ଇତିହାସର ଘଟଣାଚକ୍ର ଭିତରେ ଦୈବାତ୍ ଜନ୍ମଗ୍ରହଣ କରିଥିବା ଏକ ଜନପଦ ନୁହେଁ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଭାରତବର୍ଷର ଅର୍ଥ ବହୁ ବ୍ୟାପକ ଓ ସଂପୂର୍ଣ୍ଣ ଭିନ୍ନ । ବାସ୍ତବିକ ଭାରତବର୍ଷ ଏକ ପ୍ରତୀକ । ବିବର୍ତ୍ତିତ ଭବ୍ୟ ଧରିତ୍ରୀର ଅବଧାରିତ ଗୁରୁ । ଏଠାରେ ଆତ୍ମଜାଗୃତି ମାଧ୍ୟମରେ ଉଚ୍ଚତର ଚେତନା ଲାଭ କରିବା ହେଉଛି ଜୀବନର ଚରମ ଲକ୍ଷ୍ୟ । ତେଣୁ କଠୋପନିଷଦ କହେ-*"ଆତ୍ମାନ୍ ରଥିନଂବିଦ୍ଧି ଶରୀର ରଥମେବତୁ/ବୁଦ୍ଧିଂତୁ ସାରଥିଂ ବିଦ୍ଧିମନଃ ପ୍ରଗହମେବଚ ।"* ଅର୍ଥାତ୍ ତୁମେ ଆତ୍ମାକୁ ରଥୀ ଏବଂ ଶରୀରକୁ ରଥ ମନେକରିବା ସହ ବୁଦ୍ଧିକୁ ସାରଥି ଓ ମନକୁ ପ୍ରଗହ ବା ଲଗାମ୍ ମନେ କର ।

ପରିଶେଷରେ କେବଳ ଏତିକି କହିବି- ଜୀବନ ଏକ ଜ୍ୟାମିତିକ ଜଟିଳ ଉପପାଦ୍ୟ । ଜୀବନର ଅର୍ଥ ସନ୍ଧାନରେ ମାନବର ପ୍ରତ୍ୟହ ଭେଟ ହୁଏ ଭିନ୍ନ ଭିନ୍ନ ସମସ୍ୟା ସହ । ସେ ପ୍ରତିକୂଳତା ଭିତରେ ସଂଗ୍ରାମ କରି କରି ଅମୃତ ପଥର ପଥିକ ସାଜେ; କିନ୍ତୁ ଜୀବନର ହଳାହଳ ହିଁ ତାକୁ ମହାନ୍ କରି ଗଢ଼ିତୋଳିବା ସହ ବଞ୍ଚିବାର ମନ୍ତ୍ର ଶିଖାଇଥାଏ ।

ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ କିମ୍ବା ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେହୁଅନ୍ତି । ଚିହ୍ନାମାଟିରେ ପାଦ ଥାପି ମଣିଷ ପରଖୁ ପରଖୁ ନିଜେ ହିଁ ବିଷଣ୍ଣତାରେ ପୋତି ହୋଇପଡ଼ନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ । ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଗ୍ରାମର ଉତ୍ସବମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । ଏକବିଂଶର ଜଗତୀକରଣ ଭାବ ଭିତରେ ତଥାପି ଯେମିତି ଅସ୍ପର୍ଶ ରହିଯାଇଛି ଅନେକ ଗ୍ରାମ । କେଉଁଠି ଗାଁ ଛାଡ଼ି ସହରର ହୋଟେଲରେ କାମ କରୁଥିବା ଯୁବକର ଅସହାୟତା ବାରି ହୋଇପଡୁଛି ତ ଆଉ କେଉଁଠାରେ ଗାଁ ସ୍କୁଲରେ ପାଠ ନ ପଢ଼ି; ସହରରେ ପାଠ ପଢ଼ିବାର ମୋହ, ପାରିବାରିକ ସମ୍ପର୍କରେ ଠିଆ କରେଇଛି ପାଚେରୀ । ଏପରିକି ଯୋଜନା ପରେ ଯୋଜନା ଅଟକଳ ହୋଇଥିଲେ ମଧ୍ୟ ଏବେସୁଦ୍ଧା ଅନେକ ଗ୍ରାମାଞ୍ଚଳର ଦୁଃଖ ନ ହଟିବା ସହ ସର୍ବନିମ୍ନ ଆବଶ୍ୟକତା ମଧ୍ୟ ଏଯାବତ୍ ପୂରଣ ହୋଇପାରିନାହିଁ । ପ୍ରକୃତପକ୍ଷେ କହିବାକୁ ଗଲେ ରାଜନୀତିର ଏହି କଳଙ୍କିତ ଇତିବୃତ୍ତ ଆଜି ନିଖିଳ ଜନତାଙ୍କ ମନରେ ସୃଷ୍ଟି କରିଛି ଅସହାୟତା । ଶ୍ରେଷ୍ଠ ନୀତି ଭାବରେ ଦିନେ ଜନମାନସରେ ସ୍ଥାନ ପାଇଥିବା ରାଜନୀତି ଆଜି ସ୍ୱାର୍ଥାନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧା ପଡ଼ିଛି । ତେଣୁ ବିକାଶ ସମ୍ଭବ ହୋଇପାରୁନି ।

ଏପରିକି ଗାଁର ନୂଆପିଢ଼ିକୁ ଅଭ୍ୟୁଦୟର ମାର୍ଗ ପ୍ରଦର୍ଶନ କରିବାକୁ ଗଢ଼ି ଉଠିଥିବା ଭାଗବତ ଟୁଙ୍ଗୀ ଆଜି ଚିଲମର ଧୂଆଁ ଓ ମାଦକଦ୍ରବ୍ୟର ବାସ୍ନାରେ ଫାଟି ପଡୁଛି । ସନ୍ଧ୍ୟାରେ ଭଜନ କୀର୍ତ୍ତନ ତା'ପରେ ମାଦକ ଦ୍ରବ୍ୟ ସେବନରେ ଆଜି କଟୁଛି ଯୁବଗୋଷ୍ଠୀଙ୍କ ଜୀବନ । ଗୋଟିଏ ହାତରୁ କେତେବେଳେ ଆଉ ଗୋଟିଏ ହାତକୁ ଡେଇଁ ଡେଇଁ ଚାଲିଯାଉଛି ଚିଲମ । କେତେବେଳେ କାହା ବାଡ଼ିରୁ ନଡ଼ିଆ କଦଳୀ ତ ଆଉ କାହା ଗାଡ଼ିଆରୁ ମାଛ ଚୋରି ସହ ରାତି ହେଲେ କ୍ଲବ୍ ଘରର ଡ୍ରାମା ଭିତରେ ସରିଯାଏ ଦୈନିକ କର୍ମ । କାରଣ ଗାଁରେ କଲେଜ ହେବାପରେ ଯେତତେନ ପ୍ରକାରେ ବି.ଏ. ପାଶ୍ କରିଥିବା ଏ ଯୁବଗୋଷ୍ଠୀ ଆଉ ଲଙ୍ଗଳ କଣ୍ଟି ଧରି କରିପାରନ୍ତିନି ଜମି ଖନନ । ଯିଏ ଟିକେ ଭଲ ପାଠ ପଢ଼ି ଚାକିରି କଲା ସେ ଧନୀ ଦୁଲାଳୀକୁ ବିବାହ କରି ସହରକୁ କରେ ଗମନ । ଏପରିକି ସରଳ ଗ୍ରାମ୍ୟ ଜୀବନ ବି ଆଜି ହୋଇଉଠିଛି ଖୁବ୍ ଜଟିଳ । ଏକଦା ଗାଁରେ କିଛି ମନୋମାଳିନ୍ୟ ହେଲେ ମୁରବୀମାନଙ୍କ ଦ୍ୱାରା ତୁଟି ଯାଉଥିବା ସମସ୍ୟା ଆଜି ଥାନା ପର୍ଯ୍ୟନ୍ତ ଯାଉଛି । ଗ୍ରାମ୍ୟ ରାଜନୀତିରେ ଯେଉଁ ବିଷମଞ୍ଜି ବୁଣା ହୋଇଛି; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆ କରାଇଛି । ଏପରିକି ରାଜନୀତିକ ପଶାପାଲିରେ ଆଜି ସାଧାରଣ ଜନତା ହୋଇଛି ଉପେକ୍ଷିତ । ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟସିଦ୍ଧି ନିମନ୍ତେ ହେଉଛି ବିନିଯୋଗ ।

ବାସ୍ତବିକ କହିବାକୁ ଗଲେ, ଗ୍ରାମ୍ୟଜୀବନର ସରଳତା ଆଜି ନଷ୍ଟ ଏବଂ ସମ୍ପ୍ରୀତିର ପୃଥିବୀ ହୋଇଛି ଓଲଟ ପାଲଟ । ପାରମ୍ପରିକ ମୂଲ୍ୟବୋଧ କ୍ରମେ ହୋଇଉଠିଛି ଅଚଳ । ରାଜନୈତିକ ଅପବାଦ, ଆଧ୍ୟାତ୍ମିକ ଛଳନା ଓ ସାମାଜିକ ବନ୍ଧନର ଶିଥିଳତା ଆଜି ରକ୍ତମାଂସର ମଣିଷକୁ କରିଛି ନିଃସଙ୍ଗ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭

# ଆନ୍ଦୋଳନ ଚାଲୁରଖ !

**ମାୟାଧର ନାୟକ**



ସମ୍ବାଦପତ୍ର ପୃଷ୍ଠା ଖୋଲିଲେ କି ଟିଭି ଦେଖିଲେ ସଭାସମିତି, ଘେରାଉ, ଆନ୍ଦୋଳନ, ବିକ୍ଷୋଭ ପଢୁପଢୁ ଦେଖୁଦେଖୁ ଦଫା ଶେଷ । ୟା-ବାଦେ ପୁଣି ସେକ୍ସ, ରେପ୍, ମର୍ଡର, ଚୋରୀ, ଡକାୟତୀ, ରାହାଜାନୀ, ଅପହରଣ, ଘୋଟେଲା, ଖେଳ, ବ୍ୟବସାୟ, ସିନେମା, କଳା, ସଂସ୍କୃତି ସମ୍ବାଦ ଅଛି । କିନ୍ତୁ ଅସଲୀ ସମ୍ବାଦ ଦୃଶ୍ୟମାନ ହୁଏନା, ଚାଷୀ ଶ୍ରମିକ, ମୂଲିଆ ଗାଁଗଣ୍ଡାର ଅପନ୍ତରାରେ ରହୁଥିବା – ଜୀବନ ବଂଚାଇବା ପାଇଁ ସଂଗ୍ରାମ କରୁଥିବା ଅଗଣିତ ଜନଗଣଙ୍କ କଥା । କାଁ ଭାଁ ଉପରଠାଉରିଆ ଭାବରେ କଦବା କେଉଁଠି ଖୁଚୁରା ଖବର ହୋଇ ପ୍ରକାଶିତ ହୋଇଥାଏ ।

ଯେଉଁମାନେ ପେଟକୁ ଦାନା ଦେଲେ, ଦେହକୁ କନା ଦେଲେ, ସେମାନେ ଅଦୃଶ୍ୟରେ ଆଉ ଯେଉଁମାନେ ଦାନାକନା ଛଡେଇ ନେଲେ ସେମାନେ ଦୃଶ୍ୟମାନ । ଯୁଗ ଆରମ୍ଭରୁ ପ୍ରତିବାଦ-ପ୍ରତିରୋଧ, ପ୍ରତିକାର ବିଭିନ୍ନ ଉପାୟରେ ଚାଲିଛି- ଯୁଗ ବଦଳିବା ସଂଗେସଂଗେ ତରିକା ମଧ୍ୟ ବଦଳିଯାଉଛି । ପୂର୍ବରୁ ଯେଉଁ ଅସଲି ତରିକା ଥିଲା ଏବେ ସବୁ ନକଲି ତରିକାରେ ରୂପାନ୍ତରିତ କେବେଠୁ ହୋଇସାରିଲାଣି ।

ମୋର ଦୀର୍ଘବର୍ଷର ସ୍ମୃତି ମନେପଡୁଛି । ସୁକିନ୍ଦା, ଭୁବନେଶ୍ୱର, ସାରା ଓଡିଶା, ଦିଲ୍ଲୀରେ ସଭାସମିତି ବିକ୍ଷୋଭ, ଧାରଣା, ଶୋଭାଯାତ୍ରା, ଘେରାଉ କଲାବେଳେ ଦର୍ଶକ କିମ୍ବା ବିକ୍ଷୋଭ-ପ୍ରଦର୍ଶନକାରୀମାନେ ଆନ୍ତରିକ ଭାବେ ସବୁ କରୁଥିଲେ । ଅଧିକାଂଶ ନେତା ଯେଉଁମାନେ ଏସବୁ ପରିଚାଳନା କରୁଥିଲେ-ସେମାନଙ୍କ ଆଚାର ବ୍ୟବହାର ଉଚ୍ଚାରଣରେ କିଛିଟା ସତ୍ୟ ଥିଲା । ସେତେବେଳେ ବି ବହୁନେତା ଯାହା କୁହନ୍ତି ଓଲଟା କାମ କରନ୍ତି ।

ସେତେବେଳେ ଆଜିକାଭଳି ଏତେ ବହୁମୁଖୀ ଗଣମାଧ୍ୟମ ନଥିଲା । ହାତଗଣତି ସମ୍ବାଦପତ୍ର, ନ୍ୟାସ୍‌ନାଲ ଦୂରଦର୍ଶନ ପ୍ରମୁଖରେ ସମ୍ବାଦ ଫଟୋ ପ୍ରକାଶିତ ହେଲେ ସମଗ୍ର ଦେଶରେ ଦୃଶ୍ୟମାନ ହେଉଥିଲା ଏବଂ ଲୋକ ଜାଣୁଥିଲେ । ଆଜି କିନ୍ତୁ ସବୁ ଓଲଟପାଲଟ ହୋଇଯାଇଛି । ଦେଶୀୟ ଓ ରାଜ୍ୟସ୍ତରୀୟ ସମ୍ବାଦପତ୍ର ହାଉଜାଉ; ଅଥଚ ଗୋଟିଏ ଅଂଚଳର ଖବର ଅନ୍ୟ ଅଂଚଳ ଲୋକ ଜାଣିପାରୁନାହାନ୍ତି ।

ଉଦାହରଣସ୍ୱରୂପ-ଓଡିଶାରେ ସମାଜ, ପ୍ରଜାତନ୍ତ୍ର, ମାତୃଭୂମି, ଆଶା ପ୍ରମୁଖ ସମ୍ବାଦପତ୍ରଗୁଡିକର ସଂଧ୍ୟାରେ ଗୋଟିଏ ସଂସ୍କରଣ ପ୍ରକାଶ ପାଇବା ଦ୍ୱାରା ସାରା ଓଡିଶାର ଲୋକମାନେ ସକାଳୁ ରାଜ୍ୟର ବିଭିନ୍ନ କୋଣଅନୁକୋଣର ସମ୍ବାଦ ପାଇପାରୁ ନ ଥିଲେ । ଏବେ ପାଖାପାଖି ୪୧ଟି ଦୈନିକ, ୪୦ଟି ସାପ୍ତାହିକ, ପାକ୍ଷିକ ଓ ଅସଂଖ୍ୟ ମାସିକ, ତ୍ରୟୋମାସିକ, ବାର୍ଷିକ ସମ୍ବାଦପତ୍ର ପତ୍ରିକା ଏବଂ ଇଂରାଜୀ, ହିନ୍ଦୀ ସମ୍ବାଦପତ୍ର ସଂଖ୍ୟା ମଧ୍ୟ କମ୍ ନୁହେଁ । ଜାତୀୟ ସମ୍ବାଦପତ୍ରର କିଛି ସଂସ୍କରଣ ମଧ୍ୟ ଓଡିଶାରୁ ପ୍ରକାଶ ପାଉଛି । ବହୁ ଟିଭି ଚାନେଲ୍ ରାତିଦିନ ୨୪ ଘଂଟା ଚାଲିଛି । ଲୋକେ କ'ଣ ଦେଖିବେ କ'ଣ ପଢ଼ିବେ-ବଡ ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି ।

ଖବର ଅଖବର, ରେପମର୍ଡର, ଖେଳ, ସିରିଏଲ, ସିନେମା ଏତେମାତ୍ରାରେ ଟିଭି, ସମ୍ବାଦପତ୍ରରେ ପ୍ରକାଶ ପାଉଛି- ଜଣେ ସବୁ ପଢିଦେଖି ପାରିବ ନାହିଁ । ପୁଣି ଟିଭି ଖବରକାଗଜରେ ବିଜ୍ଞାପନ ଭର୍ତି ହୋଇଯାଉଛି । ସବୁ ଗଣମାଧ୍ୟମ ବ୍ୟବସାୟରେ ମାତିଛନ୍ତି । ଯଦି ଏତେ ଟିଭି, ସମ୍ବାଦପତ୍ର ନଥା'ନ୍ତା ତା'ହେଲେ ଆନ୍ଦୋଳନ ବିକ୍ଷୋଭ, ଶୋଭାଯାତ୍ରା, ସଭାସମିତି ସଂଖ୍ୟା ମଧ୍ୟ କମିଯାଆନ୍ତା । କାରଣ ଲକ୍ଷ୍ୟ ଉଦ୍ଦେଶ୍ୟ ଯାହାହେଉନା କାହିଁକି- ନେତାନେତ୍ରୀ ଓ ଲୋକମାନେ ଦୂରଦର୍ଶନରେ ଦୃଶ୍ୟ ହେଲେ, ସମ୍ବାଦପତ୍ରରେ ଫଟୋ ବାହାରିଲେ କୃତକୃତ୍ୟ ହୋଇଯାଆନ୍ତି । ସେଣିକି ଦାବୀ ପୂରଣ ହେଲା କେତେ ନ ହେଲା କେତେ ?

ବେଳେବେଳେ ବିରାଟ ବିରାଟ ବିକ୍ଷୋଭ, ଧାରଣା, ଶୋଭାଯାତ୍ରା ନେତୃତ୍ୱବିହୀନ ହୋଇଥାଏ । 'ହରିବୋଲିଆ' ଭଳି ଜନତା ମାତିଯାଆନ୍ତି । ନିଜ ଦାବୀ ସଂପର୍କରେ ମଧ୍ୟ ସଂପୂର୍ଣ୍ଣ ସଚେତନ ନଥାଆନ୍ତି । ଦଳେ ନେତା ଅଛନ୍ତି- ନିଜେ କରିପାରିବେ ନାହିଁ କି କାହାରିକୁ ପୂରାଇ ଦେବେନି । ଅଧିକାଂଶ ସମୟରେ ନେତାଙ୍କ ମଧ୍ୟରେ ତାଳମେଳ ରହେନା । ଏପରିକି ଜାତୀୟ ନେତାଙ୍କ ସହ ଫଟୋ ଉଠାଇବା ପାଇଁ ମୁଥା ମରାମରି ହୁଅନ୍ତି । ଫଟୋ ପାଇଁ ମୁଥା ମରାମରି ନହୋଇ ଦାୟିତ୍ୱ ନେବାପାଇଁ ମୁଥା ମରାମରି ହୁଅନ୍ତେ କି- ତା'ହେଲେ ଲୋକଙ୍କର ମଙ୍ଗଳ ହୁଅନ୍ତା ।

ଆନ୍ଦୋଳନରେ ନାଟକବାଜି ବେଶୀ । ଆନ୍ଦୋଳନ ମେଳା ଯେତେବେଳେ ଆରମ୍ଭ ହୁଏ, ବିଶେଷକରି ଶୀତଋତୁରେ ବର୍ଷସାରା ସାଇତି ରଖିଥିବା ଶାଲ, ସୁଇଟର, କୋର୍ଟ ନେହୁରୁ ଜ୍ୟାକେଟ୍, ଅନ୍ୟାନ୍ୟ ହରରଙ୍ଗୀ ଶୀତପୋଷାକ ପିନ୍ଧି ଓଡିଶାର ଗାଁଗଣ୍ଡାରୁ ବହୁ ଆନ୍ଦୋଳନକାରୀ ଏବଂ ଅଣଆନ୍ଦୋଳନକାରୀ ରାଜଧାନୀକୁ ଛୁଟିଆସନ୍ତି । ଆଜିକାଲି ଫ୍ଲେକ୍ସ ମିଟର ୮ ଟଙ୍କାରୁ ୧୦ ଟଙ୍କା ହୋଇଥିବାବେଳେ ଶସ୍ତାରେ ବ୍ୟାନର ଆଣି ଶୋଭାଯାତ୍ରାର ଅଗ୍ରଭାଗରେ ନେତାମାନେ ଧରିଚାଲନ୍ତି । ଟିଭି, ଫଟୋ ସାମ୍ବାଦିକ ଆସିଗଲେ, ପ୍ରାୟ ବହୁଳାଂଶଙ୍କ ସ୍ଲୋଗାନ୍, ଖୁବ୍ ଜୋରରେ ଶୁଣାଯାଏ । ପୋଷାକପତ୍ର ମୁଣ୍ଡବାଳ ଟିକେ ସଜାଡିନିଅନ୍ତି ।

ଏଇ କେତେବର୍ଷ ହେଲା, ବିଶେଷକରି ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଲେ, ସେଦିନ ଯଦି ମାଣବସା ଶେଷ ଗୁରୁବାର ହୋଇଥାଏ, ତା'ହେଲେ ଲୋଏର୍ ପି.ଏମ୍.ଜି. ରାସ୍ତା ମଝିରେ ଲକ୍ଷ୍ମୀ ଠାକୁରାଣୀ ପୂଜା ଆରମ୍ଭ ହୋଇଥାଏ । ସେ ଫଟୋ ସମ୍ବାଦପତ୍ର ଓ ଟେଲିଭିଜନରେ ଦେଖାଯାଏ । ଅଧିକାଂଶ ପାଠକ, ଦର୍ଶକ ମୁରକି ହସନ୍ତି । ଏହାଦ୍ୱାରା ବାସ୍ତବ ଦାବୀପ୍ରତି ଯେଉଁ ଅଙ୍ଗୀକାର ରହିବା କଥା, ତା' ରହେନି । ଆନ୍ଦୋଳନ ପରିହାସରେ ପରିଣତ ହୁଏ ।

ଏହି ଲେଖକ ଆନ୍ଦୋଳନ ସଂପର୍କରେ ଅନେକ କିମ୍ଭୂତକିମାକର ଘଟଣା ଦେଖିଛି । ୧୯୭୧ ମସିହାରେ ସଦ୍ୟ ପାକିସ୍ଥାନ-ପୂର୍ବ ପାକିସ୍ଥାନରେ ଭୟଙ୍କର ଗୃହଯୁଦ୍ଧ ଅବସାନର ୭ଦିନ ପରେ ନୂତନ ବଙ୍ଗଳାଦେଶକୁ ଜଣେ ସାମ୍ବାଦିକ ଭାବେ ଯାଇଛି । ଢାକାର ବିରାଟ ମଇଦାନରେ ବିଜୟୋତ୍ସବ ପାଳିତ ହେଉଥାଏ । ଜଣେ ଛାତ୍ରନେତା ନାଟକୀୟ ଢଙ୍ଗରେ ଭାଷଣ ଦେବାବେଳେ ଘନଘନ କରତାଳି ଶବ୍ଦରେ ସଭାସ୍ଥଳ ଫାଟି ପଡୁଥିଲା । ସେହି ନେତା ସଭାମଂଚ ତଳକୁ ଆସି ଗଦ୍‌ଗଦ୍ ହୋଇ ସାମ୍ବାଦିକମାନଙ୍କ ନିଜ ବାହାଦୂରୀ ବଖାଣିଲେ । ଏଇଭଳି ଅଧିକାଂଶ ନେତା ନାଟକୀୟ ଭଙ୍ଗିମାରେ ଭାଷଣ ଦେଇ ଶ୍ରୋତାଙ୍କଠାରୁ କରତାଳି, ହସ ସିନା ସଂଗ୍ରହ କରନ୍ତି, କିନ୍ତୁ ମଞ୍ଜି କଥା କହିପାରନ୍ତିନି । ଏହାଦ୍ୱାରା କିଛି ଲାଭ ହୁଏନା ।

ଏଇ ଓଡିଶାର ରାଜଧାନୀରେ ବହୁବର୍ଷ ଧରି ଯେତେବେଳେ ଶିକ୍ଷକ ମହାସଂଘର ରାଲି ହୁଏ, ଓଡିଶାର କୋଣଅନୁକୋଣୁ ପାଖାପାଖି ୨୫ ହଜାରରୁ ୩୦ ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଆସନ୍ତି । ଶୃଙ୍ଖଳିତଭାବେ ଦୁଇଧାଡିରେ ଚାଲନ୍ତି । ସର୍ବାଗ୍ରେ ମଧ୍ୟ ବ୍ୟାନର ଧରି ଦୁଇଜଣ ଚାଲନ୍ତି । ଅବଶ୍ୟ ଧାଡି ସରେନା । ଫଟୋ ସମ୍ବାଦପତ୍ରରେ କେବଳ ଆଗଧାଡିରୁ କିଛି ଅଂଶ ଦେଖାଯାଏ; ଟେଲିଭିଜନରେ ମଧ୍ୟ ବେଶୀ ଭିଡ ଦେଖାଯାଏନା ।

ସବୁବେଳେ କିଛିନା କିଛି ନୂଆ ଧାରା ସୃଷ୍ଟି କରିବାର ଇଚ୍ଛାଯୋଗୁ ଥରେ ରାଜଧାନୀରେ ରଣଅଭିଯାନ ଓଡିଶାର ଏକ ରାଲିରେ ୫ ହଜାର ଆନ୍ଦୋଳନକାରୀ ଯୋଗଦେଇଥିଲେ । ପ୍ରଥମେ ପାଖାପାଖି ୫ ଶହ ଆଗରେ ପୂରାରାସ୍ତା ଜାମ୍ କରି ବିରାଟ ବ୍ୟାନର ଗୋଡଠାରୁ ପେଟପର୍ଯ୍ୟନ୍ତ ଧରି ଶୋଭାଯାତ୍ରା କଲୁ । ସମ୍ବାଦପତ୍ରରେ ଫଟୋ ବିରାଟ ଆକାରରେ ଆସିଲା । ଟେଲିଭିଜନ ମଧ୍ୟ ୫ ହଜାରରୁ ୨୫ ହଜାର ଭଳି ଲୋକ ଦେଖାଇଦେଲେ ।

ଆଉଥରେ ଏଇ ଲେଖକ ନେତୃତ୍ୱରେ ପାଖାପାଖି ୫୦ଜଣ ଗଣଅଭିଯାନ କର୍ମୀନେତା ରାଜଧାନୀରେ ସଂଗ୍ରାମୀ ପାଣ୍ଠି ସଂଗ୍ରହ ପାଇଁ ଘରଘର ବୁଲିଲେ । ୨ ଦିନ ବୁଲିଲା ପରେ ଆଦାୟ କମ୍ ଖର୍ଚ୍ଚ ଅଧିକ ହେବାରୁ କାର୍ଯ୍ୟକ୍ରମ ବାତିଲ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା । ସେଇ ରାତିରେ ଖବର ପ୍ରକାଶ ପାଇଲା ନାଲ୍‌କୋ ପୁଞ୍ଜି ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାର ମସୁଧା କରୁଛନ୍ତି । ରାତିରାତି ଭୁବନେଶ୍ୱର ନାଲ୍‌କୋ ହେଡଅଫିସ୍ ସମ୍ମୁଖରେ ଧାରଣା ଦେବାକୁ ସ୍ଥିରକରି କିଛି ଧଳାକନା ଅଣାଯାଇ ବିଭିନ୍ନ ସ୍ଲୋଗାନ୍ ଲେଖି ମୁଣ୍ଡରେ ଗଳାଇ ଛାତିରେ ପିଠିରେ କର୍ମୀମାନେ ପିନ୍ଧି ସ୍ଲୋଗାନ୍ ଦେଲେ । ସେଦିନ ସଂଗେସଂଗେ ଜାତୀୟ ଟେଲିଭିଜନ୍ ଓ ଜାତୀୟ ସମ୍ବାଦପତ୍ରଠାରୁ ଆରମ୍ଭ କରି ଆଂଚଳିକ ଗଣମାଧ୍ୟମ ଏହି ଅଭିନବ ପ୍ରଦର୍ଶନକୁ ବ୍ୟାପକ ପ୍ରଚାର କଲେ ।

କଥାରେ ଅଛି-ଦେଖା ଶିଖା ଓଡିଶା । ବିଭିନ୍ନ ଦଳ ସଂଗଠନମାନେ ଏଭଳି ଅଭିନବ ଶୋଭାଯାତ୍ରା, ଧାରଣା, ବିକ୍ଷୋଭ ଦେଖି ନିଜର ସଂଗଠନମାନଙ୍କରେ ତାହାକୁ ଅନୁକରଣ କରିବାରେ ଲାଗିଲେ, ଯାହା ଆଜିଯାଏ ବି ଚାଲିଛି । ଏବେ ସଭାସମିତି, ଧାରଣା ବିକ୍ଷୋଭ ଶୋଭାଯାତ୍ରା ଏପରିକି ଘେରାଉ, ମାରପିଟ, ଗଣ୍ଡଗୋଳ ବହୁ ସ୍ଥାନରେ ହେଉଛି । ଲୋକେ ଏସବୁରେ ଭାଗନେଉଛନ୍ତି; କିନ୍ତୁ ଉଦ୍ଦେଶ୍ୟ-ଆଶା-ଆକାଂକ୍ଷା ଲକ୍ଷ୍ୟ ପୂରଣ ହେଉନି । ଆନ୍ଦୋଳନକାରୀଙ୍କ ଅପେକ୍ଷା ଆନ୍ଦୋଳନବିରୋଧୀ ଶକ୍ତି କୌଶଳରେ ଦମନ କରିଦେଉଛି । ତା'ସତ୍ତ୍ୱେ ଜନଗଣଙ୍କ ସହଯୋଗ ଯେତେ ବଢ଼ିବ- ସେତେ ଶିକ୍ଷା ପାଇବେ, ସଚେତନ ହେବେ । ଥରେ ଗରିଷ୍ଠ ସଂଖ୍ୟାରେ ଲୋକ ସଚେତନ ହୋଇଗଲେ ଜନବିରୋଧୀ ଶକ୍ତି ସାବାଡ ହୋଇଯିବେ । ଯଦିଓ ବର୍ତ୍ତମାନ ସର୍ବଗୁଣସଂପନ୍ନ ପରୀକ୍ଷିତ ନେତା ମିଳୁନାହାଁନ୍ତି; ଆନ୍ଦୋଳନ ଲଗାତର ଲାଗିରହିଲେ, ଦମନକୁ ମୁକାବିଲା କରୁକରୁ ନୂଆ ନେତାଙ୍କର ଆବିର୍ଭାବ ହେବ । ଯେଉଁଠି ବିପର୍ଯ୍ୟୟ ସେଇଠି ଜୟଜୟ । ଏ ହେଉଛି ଇତିହାସର ନିୟମ । ତେଣୁ ଧୈର୍ଯ୍ୟ ଧରି ଶେଷପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରଖ !

***-ଯାଜପୁର ରୋଡ, ଯାଜପୁର***
***ମୋ: ୯୮୭୧୦୩୪୧୭୩***

# କର୍ମକୁ ଭଗବାନଙ୍କ ପ୍ରତି ସମର୍ପଣ

**ଭବାଶିଷ ଦାସ**



ପ୍ରକୃତରେ ଭକ୍ତିର ଅର୍ଥ-ନିଜ କର୍ମର ଫଳାଶା ନରଖି ଈଶ୍ୱର ଉପାସନା କରିବା, ଈଶ୍ୱରଙ୍କ ପ୍ରତି ଏକାଗ୍ରେ ହେବା ଏବଂ ପ୍ରତ୍ୟେକ କର୍ମକୁ ଭଗବାନଙ୍କୁ ସମର୍ପଣ କରିବା, ଏପରିକି ତାଙ୍କ ପାଦତଳେ ନିଜ ଜୀବନ ସମର୍ପି ଦେବା। ନିଜର ନିଃସ୍ୱାର୍ଥ ପ୍ରେମର ଧାରାକୁ କୌଣସି ପ୍ରତ୍ୟାଶା ନ ରଖି ନିର୍ଦ୍ୱନ୍ଦରେ ଭଗବାନଙ୍କ ଆଡ଼କୁ ପ୍ରବାହିତ କରାଇ ଦେବା ହିଁ ଭକ୍ତି। ଆମେ ନିଃସ୍ୱାର୍ଥ ପ୍ରେମର ଅଭିବୃଦ୍ଧି ଓ ପ୍ରସାର କରାଇବା ଉଚିତ। ନଦୀ ଜଳ ଯେଭଳି ସ୍ୱାଭାବିକ ରୀତିରେ ସାଗର ଆଡ଼କୁ ପ୍ରବାହିତ ହୋଇଥାଏ, ଲତାଟିଏ ଯେମିତି ବୃକ୍ଷ ଦେହରେ ଆପେ ଆପେ ଗୁଡ଼ାଇ ହୋଇଯାଇଏ, ଆକାଶରେ ଯେମିତି ନକ୍ଷତ୍ରଟି ଝିଲିମିଲି ଝିଲି ମିଲି ହୋଇ ଝଲସି ଉଠେ, ଠି ସେମିତି ସ୍ୱାଭାବିକ ଭାବେ ମଣିଷର ଭକ୍ତି ପରମାତ୍ମାଙ୍କ ଆଡ଼କୁ ଚାଲିଯିବା ଉଚିତ। ପଥରେ ଯେତେ ପ୍ରତିବନ୍ଧକ ଥାଉପଛେ, ପରିଶେଷରେ ନଦୀ ଜଳ ସାଗରରେ ମିଶେ। ନଦୀ ପାଇଁ ସାଗର ହେଉଛି ସ୍ୱସ୍ଥାନ। ଠିକ ସେହିପରି ପରମାତ୍ମାଙ୍କ ଆଡ଼କୁ ଅବିରତ ଭାବେ ପ୍ରବାହିତ ହେଉଥିବା ପ୍ରେମର ଧାରା, ପ୍ରତିଦାନର ଆଶା ନ ହେଉଥିବା ପ୍ରେମର ଧାରା ହିଁ ଭକ୍ତି। କାରଣ, ତାଙ୍କରି ଠାରୁ ହିଁ ତୁମର ଉତ୍ପତ୍ତି ଏବଂ ତାଙ୍କରି ସଙ୍ଗେ ପୁନର୍ବାର ଲୀନ ହେବା ପାଇଁ ହିଁ ତୁମର ବ୍ୟାକୁଳତା। ରାବଣ, କୁମ୍ଭକର୍ଣ୍ଣ, କଂସ ପ୍ରଭୃତି ଭଗବାନଙ୍କୁ ପ୍ରାର୍ଥନା କରି, ତପସ୍ୟା କରି, ଅମିତ ପରାକ୍ରମଶାଳୀ ହୋଇ ପାରିଥିଲେ। ଭଗବାନଙ୍କଠାରୁ ଏତେ ଫଳ ଓ ବଳ ଲାଭ କରି ସେମାନେ ଶେଷକୁ ଭଗବାନଙ୍କ ବିରୁଦ୍ଧରେ ଉଠିଲେ। ଭଗବାନଙ୍କୁ ଭକ୍ତି କରିବା ବଦଳରେ ସେମାନେ ତାଙ୍କୁ ଘୃଣା କଲେ। ତାଙ୍କ ଇଚ୍ଛା ପୂରଣ ନ ହେଲେ ସେମାନେ ଭୟଙ୍କର ରୂପ ଧାରଣ କଲେ। ଯଦି ଇଚ୍ଛା ପୂରଣ ହୋଇଗଲା ତେବେ ସେମାନେ ଅହଂକାରୀ ହୋଇ ନାନା ଅସୁବିଧା ସୃଷ୍ଟି କରି ବସିଲେ। ଏହା ପ୍ରକୃତ ଭକ୍ତର ଲକ୍ଷଣ ନୁହେଁ। ଯେଉଁ ଭାବଧାରା ତୁମର ପ୍ରେମକୁ ଈଶ୍ୱରଙ୍କ ଆଡ଼କୁ ନିଷ୍କାମ ଭାବେ, ପୁରସ୍କାର ଆଶା ନକରି ଅବିରତ ଭାବେ ବୁହାଇ ନିଏ, ତାହା ହିଁ ପ୍ରକୃତ ଭକ୍ତି। ଭକ୍ତର ଉନ୍ନତି ଦୃଷ୍ଟିରୁ ଭଗବାନ ଭକ୍ତ ସ୍ତରକୁ ଓହ୍ଲାଇ ଆସିବାକୁ ମଧ୍ୟ ପ୍ରସ୍ତୁତ। ଭକ୍ତ କ'ଣ ଚାହେଁ ସେ ଜାଣନ୍ତି, କେତେବେଳେ ମନୋବାଞ୍ଛା ପୂରଣ କରାଯିବା ଦରକାର ଓ କେତେ ପରିମାଣରେ ପୂରଣ କରାଯିବା ଦରକାର ସେ ସବୁ ଜାଣନ୍ତି। ମାଗ ନାହିଁ, ମାଗି ବସିଲେ ମାନସିକ ପୂର୍ଣ୍ଣ ହେବା ଆଶା କ୍ଷୀଣ ହୋଇଯାଏ। ନ ମାଗିଲେ ମାନସିକ ତତ୍‌କ୍ଷଣାତ ପୂର୍ଣ୍ଣ ହୋଇଯାଏ।

ଯେଉଁ ଜଣକ କିଛି ମାଗି ନଥିଲା, ସେ ସେଭଳି ଜଣେ ଶବରୀ ପାଖକୁ ନିଜେ ଦୌଡ଼ି ଯାଇ ନ ଥିଲେ କି? ମୃତ୍ୟୁ ସମୟରେ ମଧ୍ୟ କିଛି ଆଶା କରି ନଥିବା ଜଟାୟୁକୁ ସେ ପରମଗତି ପ୍ରଦାନ କରି ନ ଥିଲେ କି? ଦେଖିବାକୁ ଗଲେ ଯେଉଁ ଦଶରଥ ରାମଙ୍କଠାରୁ ବହୁତ କିଛି ଆଶା କରିଥିଲେ, ରାମ ତାଙ୍କ ଶେଷକୃତ୍ୟ ମଧ୍ୟ କରିପାରିଲେ ନାହିଁ, କିନ୍ତୁ କିଛି ହେଲେ ଆଶା କରି ନଥିବା ଜଟାୟୁର ଶେଷକୃତ୍ୟ ସ୍ୱୟଂ ଭଗବାନଙ୍କ ହାତରେ ହିଁ ସମ୍ପନ୍ନ ହେଲା। "ମୁଁ କିଛି ଚାହେଁ ନାହିଁ, ହେ ଭଗବାନ ! ମୁଁ ତୁମକୁ ଚାହେଁ। ତୁମ ଛଡ଼ା ଆଉ କିଛି ଚାହେଁ ନାହିଁ।" ଯଦି ଏଭଳି ପ୍ରାର୍ଥନା କରିପାରିବ, ତୁମର ଯାହା ଯାହା ଦରକାର ତାହା ଯୋଗାଇ ଦିଆଯିବ। କଳ୍ପବୃକ୍ଷ ଯେତେବେଳେ ତୁମର ଇଚ୍ଛା ପୂର୍ଣ୍ଣ କରିବାକୁ ପ୍ରସ୍ତୁତ, ସେତେବେଳେ ତୁମେ କର୍ପି ଟିକେ କାହିଁକି ମାଗୁଛ ? ଅମୃତ ପ୍ରଦାନ କରିବାକୁ ଯେତେବେଳେ କାମଧେନୁ ସଜାଗ, ସୁନା, ରୂପାଦି ମୂଲ୍ୟବାନ ପଦାର୍ଥ ଯୋଗାଇ ଦେବା ଲାଗି ଯେତେବେଳେ ମେରୁ ପର୍ବତ ପ୍ରସ୍ତୁତ, ତୁମେ ସେତେବେଳେ ଏକ ହୀନ ଉଦ୍ଦେଶ୍ୟ କାହିଁକି ପୂରଣ କରିବାକୁ ବସିଛ ? ଭଗବାନ ଯେତେବେଳେ ତୁମକୁ କୃପା କରି ମୋକ୍ଷ ପ୍ରଦାନ କରିବାକୁ ପ୍ରସ୍ତୁତ, ତୁମେ ସେଠାରେ କ୍ଷୁଦ୍ର ମାନସିକ ପୂରଣ କରିବାକୁ କାହିଁକି ବସିଛ ? ତାଙ୍କୁ ଲାଭ କରିପାରିଲେ ସବୁକିଛି ଲାଭ କରି ପାରିବ। ତାଙ୍କ କୃପା ଲାଭ କରିପାରିଲେ ପୃଥିବୀର ସବୁକିଛି ଲାଭ କରିପାରିବ। ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ତୁମ ପାଇଁ ସୁଲଭ ହୋଇଯିବ। ଯଦି ତୁମେ ତୁମର କାମନା ବାସନାର ଦାସ ହୋଇଯିବ, ତେବେ ତୁମେ ଜଗତର ଦାସ ପାଲଟିଯିବ। ଯଦି କାମନା ଉପରେ ଜୟ ଲାଭ କରିପାର, ତେବେ ଏ ସଂସାର ତୁମ ପାଇଁ ଖେଳ ସଦୃଶ ହୋଇଯିବ। ଛୋଟ ଚାରା ଗଛଟି ପାଣି ଆଶାରେ ମେଘ ବା ବାଦଲ ପର୍ଯ୍ୟନ୍ତ ଯାଇପାରେ ନାହିଁ, ସେହିପରି ଛୋଟ ଶିଶୁଟି ମଧ୍ୟ କ୍ଷୀର ଟିକେ ପାଇଁ ତା' ମାଆ ପର୍ଯ୍ୟନ୍ତ ଯାଇପାରେ ନାହିଁ, କିନ୍ତୁ ମାଆ ଶିଶୁ ପାଖକୁ ଆସେ, ତାହାର ସୁରକ୍ଷା କରେ। ଠିକ୍ ସେହିଭଳି ଭଗବାନ ଭକ୍ତ ପାଖକୁ ଚାଲି ଆସନ୍ତି ତାହାର ଯାହା ଇଚ୍ଛା ତାହା ପୂରଣ କରନ୍ତି, ସେ ଯାହା ଚାହେଁ ତାକୁ ତାହା ପ୍ରଦାନ କରନ୍ତି।


***-ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୯୮୭୧୧୧୮୭୭୩***

# ଶାନ୍ତି ଓ ମୁକ୍ତି

**ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର**



ଜଣୈକ ଭକ୍ତଙ୍କର ପ୍ରଶ୍ନ ଥିଲା-ଶାନ୍ତି ଓ ମୁକ୍ତି ଭିତରେ କେଉଁଟି ବଡ। ଯୁଗପୁରୁଷ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱଭାବସୁଲଭ କରୁଣା ନିର୍ଝର ହାସ୍ୟମୟ ମୁଖରେ କହିଲେ - ମୁକ୍ତି ନେଇ ମୋର କଣ ହେବ ? ପ୍ରଭୁ ଅନନ୍ତ କାଳ ଅଛନ୍ତି ଓ ମୁଁ ମଧ୍ୟ ଅନନ୍ତକାଳ ରହିବି ତାଙ୍କର ଦାସ ରୂପରେ। ତା' ନ ହେଲେ ଅସ୍ତିତ୍ୱ ଲୋପ କରି ଦେଇ ମୁକ୍ତିଲାଭ ପୁଣି କେଉଁ ଆନନ୍ଦର କଥା ? ମୁଁ ବିପଦଠାରୁ ମୁକ୍ତି ଚାହେଁ, କିନ୍ତୁ ମୋର ଏହି ଦେହ ଠାରୁ ମୁକ୍ତି ଚାହେଁ ନାହିଁ। ଭଗବାନ (ଗଡ୍) ଶବ୍ଦର ଅର୍ଥ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର କହିଲେ-ଗଡ୍‌ର ସଂସ୍କୃତ ଧାତୁ ହେଲା ହୁ ଅର୍ଥ ଆହ୍ୱାନ କରିବା। ସେହି ଆହ୍ୱାନ କିପରି ? ଭଗବାନଙ୍କୁ ଅନ୍ତରରେ ସ୍ମରଣ ମନନ କରି ତାଙ୍କର ଗୁଣାବଳୀରେ ଅଭିଷିକ୍ତ ହୋଇ ଉଠିବା। ଯେପରି ଯୀଶୁଖ୍ରୀଷ୍ଟଙ୍କୁ ଆହ୍ୱାନ କରି ଆଜି ତାଙ୍କର ଗୁଣାବଳୀକୁ ଆମ ଭିତରେ ଅଭିଷିକ୍ତ କରିବୁ, ତାଙ୍କର ଭାବବୃତ୍ତି ଅନୁଯାୟୀ ଆମ୍ଭେମାନେ କ୍ରିୟାଶୀଳ ହୋଇ ଉଠିବୁ, ଆମ୍ଭମାନଙ୍କର ଆଚରଣ ଭିତରେ ତାହା ସଞ୍ଚାରିତ ହେବ। ଆମ୍ଭେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ଓ ଅସ୍ତିତ୍ୱର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେହି ଭାବାନୁଯାୟୀ ନିଜକୁ ପରିଚାଳିତ କରିବୁ। ଆପଣ ଜଣେ ଶିକ୍ଷକ, ଯାହା ଆପଣ କରୁଛନ୍ତି ତାହା ବହୁତ ଭଲ। ଆପଣ କିନ୍ତୁ ଆପଣଙ୍କ ଛାତ୍ରକୁ କୌଣସି କର୍ମରେ ପୂର୍ଣ୍ଣଚ୍ଛେଦ ପକାଇବାକୁ କୁହନ୍ତି ନାହିଁ, କେବେ କୁହନ୍ତି ନାହିଁ ଯେ ତୁମର ଜାଣିବାର ଶେଷ ହୋଇଗଲା। ଈଶ୍ୱର-ଉପାସନା ମଧ୍ୟ ତାହା, ତାର ଶେଷ ନାହିଁ। ଈଶ୍ୱର ଅନନ୍ତ ଓ ତାଙ୍କ ପାଇଁ ଚାଲିବା ମଧ୍ୟ ଅନନ୍ତ। ଈଶ୍ୱର ମାନେ ଅଧିପତି ଓ ଆଧିପତ୍ୟ। ଆଧିପତ୍ୟ ହେଲା, ଧାରଣ ପାଳନୀ ସମ୍ବେଗ। ଧାରଣ ପାଳନ ସମ୍ବେଦନା-ଅଭିଷିକ୍ତ ବ୍ୟକ୍ତିତ୍ୱ ଯେତେ ପରିମାଣରେ ଆପଣଙ୍କ ଭିତରେ ଫୁଟି ଉଠିଲା ସେତେ ପରିମାଣରେ ଆପଣଙ୍କ ଭିତରେ ଈଶ୍ୱିତ୍ୱ ଅଧିଷ୍ଠିତ ହେଲା। ଏହି ଧାରଣ ପାଳନୀ ସମ୍ବେଗ ଅଳ୍ପ-ବହୁତ ସମସ୍ତଙ୍କ ଭିତରେ ରହିଛି। କାହିଁକି ଅଛି ? କାରଣ ଆମ୍ଭେମାନେ ବଞ୍ଚିବାକୁ ଚାହୁଁ। ଆମ୍ଭମାନଙ୍କର କ୍ଷୁଧା, ତୃଷ୍ଣା, ଭୟ ଯାହା କିଛି ଅଛି ସବୁ ନେଇ ଆମ୍ଭେମାନେ ବଞ୍ଚିବାକୁ ଚାହୁଁ। ଆଉ ଚାହୁଁ ସ୍ୱାଧୀନତା-ଅର୍ଥ, ଯେତେବେଳେ ଆମ୍ଭେମାନେ ସମସ୍ତେ ମିଶି ପ୍ରିୟ ପରମଙ୍କ ଆବାସ ସ୍ଥାନରେ ପାରସ୍ପରିକ ସ୍ୱାର୍ଥସମ୍ବନ୍ଧ ହୋଇ ରହିଥାଉ, ସେତେବେଳେ ହିଁ ଆମ୍ଭେ ପ୍ରୀଦମ୍ - (ପ୍ରୀ- ପ୍ରୀତି, ଦମ୍ (ବୈଦିକ)- ଗୃହ) ବା ଫ୍ରିଡମ୍ ବା ସ୍ୱାଧୀନତା ଉପଲବ୍ଧି କରୁ। ସ୍ୱାଧୀନତା ମାନେ କିନ୍ତୁ ଯିଏ ଯାହାର ଇଚ୍ଛା ବା ଖୁସି ସହକାରେ ଚାଲିବା ତାହା ନୁହେଁ। ସ୍ୱେଚ୍ଛାଚାରିତା ସ୍ୱାଧୀନତା ନୁହେଁ। ସ୍ୱାର୍ଥପରତା ସ୍ୱାଧୀନତା ନୁହେଁ।



ସ୍ୱାଧୀନତାର ଧାତୁଗତ ଅର୍ଥ ହେଲା ବର୍ଦ୍ଧନା, ଯେଉଁଠାରେ ଆମ୍ଭମାନଙ୍କର ବୃଦ୍ଧି ମୁଖର ଚଳିବାର ଆବେଗ ଅଛି। ପ୍ରୀତିପୂର୍ଣ୍ଣ ଅନୁଚଳନ ଭିତର ଦେଇ ଆମ୍ଭେମାନେ ଯେଉଁଠାରେ ବଢ଼ି ପାରିବୁ, ଏହି ବୃଦ୍ଧି ମୁଖର ସାଧନା ଦିଗରେ ଯେଉଁଠାରେ ଅବାଧ ଭାବରେ ଚାଲି ପାରୁ ସେହିଠାରେ ହିଁ ସ୍ୱାଧୀନତା ଅଛି। ସେଥିପାଇଁ ଆବଶ୍ୟକ କୁଶଳ କୌଶଳୀ ତପଶ୍ଚର୍ଯ୍ୟା ମାଧ୍ୟମରେ ତତ୍ପରତା ସହିତ ଅନୁଶୀଳନ କରିବା। ଏହି ସାଧନାର ପଥରେ ଗୁରୁଙ୍କର ପ୍ରୟୋଜନୀୟତା ଅନିବାର୍ଯ୍ୟ। ଗୁରୁଙ୍କୁ ନେଇ ହିଁ ଆମ୍ଭମାନଙ୍କୁ ଚଳିବାକୁ ପଡିବ। ତା' ନ ହେଲେ ଆମ୍ଭେମାନେ ଭାରସାମ୍ୟ ଓ ସମତା ହରାଇବୁ। ଯାହା ଖୁସି ତାହା କରି ସୁଖର ରାସ୍ତାକୁ ଅବରୋଧ କରିଦେବୁ। ଗୁରୁଙ୍କ ଉପରେ ଯଦି ନିଷ୍ଠା ଥାଏ ଓ ତାଙ୍କର ନିର୍ଦ୍ଦେଶଗୁଡିକ ଯଦି ଠିକ୍ ଭାବରେ କର୍ମରେ ଫୁଟାଇପାରୁ ତାହାହେଲେ ଏହି କର୍ମ ଭିତର ଦେଇ ଆମ୍ଭମାନଙ୍କର ଅଭିଜ୍ଞତା ବଢେ ଓ ଆମ୍ଭେମାନେ ଶିକ୍ଷିତ ହୋଇଉଠୁ। ଏହି ଜ୍ଞାନଲାଭର ପଛରେ ଅଛି ଶ୍ରଦ୍ଧା ଓ ଭଲ ପାଇବା। ସେଥିପାଇଁ କୁହାଯାଇଛି 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ'। ଏହି ଶ୍ରଦ୍ଧାର ମୂଳ ହେଉଛନ୍ତି ଗୁରୁ-ପୁରୁଷୋତ୍ତମ ବା ଇଷ୍ଟ। ଯୁଗଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ-ଶ୍ରଦ୍ଧାର ତାତ୍ପର୍ଯ୍ୟ ହେଲା-ଧୃତିପୂର୍ଣ୍ଣ ଅନୁରାଗ ନେଇ ଶ୍ରଦ୍ଧାସ୍ପଦଙ୍କୁ ଅନୁସରଣ କରିବା, ଆଉ ସେହି ଶ୍ରଦ୍ଧା ହିଁ ତୁମକୁ ଧୃତି-ମୁଖର କରି ତୋଳିବ। ଭଗବାନ ଶିବଙ୍କର ଅନ୍ୟ ଏକ ନାମ ନକୁଳ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ଯାହାଙ୍କର କୌଣସି କୂଳ ନାହିଁ, କିନାରା ନାହିଁ, ସୀମା ନାହିଁ, ସେ ହିଁ ନକୁଳ। ଗୁରୁ ହିଁ ଶିବ ଓ ସେ ଭକ୍ତଙ୍କୁ ଦୁର୍ଗମ ଓ କଣ୍ଟକାକୀର୍ଣ୍ଣ ପଥରେ ହାତ ଧରି ଚାଲିବାର କୌଶଳ ଶିଖାଇ ଦିଅନ୍ତି।

***ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭***




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ ।ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର ।ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି ।ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ର୍ବମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି ।ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଲିଜଧାରୀ ନିୟମ ବହିର୍ଭୂତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ୍ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ସିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ପର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦ୍ଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟଭିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମାରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଦଟକ୍ଷଷ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/ ୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ବିଏମ୍‌ସି ମେୟର ଭାବେ ଶପଥ ନେଲେ ସୁଲୋଚନା ଦାସ

ଭୁବନେଶ୍ୱର, (ପି.ଏନ) ଶ୍ରୀମତୀ ସୁଲୋଚନା ଦାସ ଶନିବାର ଦିନ ଭୁବନେଶ୍ୱର ମହାନଗର ନିଗମର ମେୟର ଭାବେ ଶପଥ ଗ୍ରହଣ କରିଛନ୍ତି । ସେ ହେଉଛନ୍ତି ବିଏମସିର ପ୍ରଥମ ମହିଳା ମେୟର । ବିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ତାଙ୍କୁ ଶପଥ ପାଠ କରାଇଛନ୍ତିଶପଥ ଗ୍ରହଣ କରିବା ପରେ ସୁଲୋଚନା ଦାସ ରାଜଧାନୀବାସୀଙ୍କୁ ଧନ୍ୟବାଦ ଦେବା ସହ ଭୁବନେଶ୍ୱରର ବିକାଶ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଟିମ୍‌ଓ୍ୱାର୍କ ଜରିଆରେ ରାଜଧାନୀର ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଭଳି ଭୁବନେଶ୍ୱରଟିଏ ତିଆରି ହେଲେ ହିଁ ସମସ୍ତଙ୍କର ସ୍ୱପ୍ନ ପୂରଣ ହେବ ବୋଲି ସୁଲୋଚନା ଦାସ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ରାଜଧାନୀର ସାଢେ ୧୧ ଲକ୍ଷ ଲୋକ ଆମ ପରିବାର । ଶେଷ ଲୋକ ପର୍ଯ୍ୟନ୍ତ କିଭଳି ଆମ ଯୋଜନା ପହଞ୍ଚିବ ସେଥିପାଇଁ କାମ କରିବୁ । ସ୍ମାର୍ଟ ସିଟିରେ ନଂ-୧ ଯେଭଳି ବଜାୟ ରହିବ ବୋଲି ସେ କହିଛନ୍ତି । ସେହିପରି ସେ କହିଛନ୍ତି ଯେ ଭୁବନେଶ୍ୱରରେ ଅନେକ ଐତିହାସିକ କିର୍ତ୍ତୀରାଜି ରହିଛି । ସେଗୁଡିକର କିଭଳି ରକ୍ଷଣବେକ୍ଷଣ କରିହେବ ସେନେଇ କାମ କରିବୁ । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିକାଶ ନେଇ ଯେଉଁ ପଦକ୍ଷେପ ନେଇଛନ୍ତି । ତାକୁ ଗୁରୁତ୍ୱ ଦେଇ ସବୁବେଳେ କାମ କରିବୁ ବୋଲି ସେ କହିଛନ୍ତି ।

# ସରକାରୀ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ନେଇ ଅଷ୍ଟ୍ରେଲିଆ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା


ଭୁବନେଶ୍ୱର,(ପି.ଏନ): ବର୍ତ୍ତମାନ ରାଜ୍ୟରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ କରାଯିବା ପରିପ୍ରେକ୍ଷୀରେ ସୋମବାର ଭୁବନେଶ୍ୱର ଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଉପସ୍ଥିତିରେ ମିନିଷ୍ଟର କାଉନ୍‌ସିଲ୍‌ର (ଶିକ୍ଷା ଓ ଗବେଷଣା) ଅଷ୍ଟ୍ରେଲିଆ ମି. ମାଥ୍ୟୁ ଜନ୍‌ଷ୍ଟନ, ଡାଇକିନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଇୟାନ୍ ମାର୍ଟିନ୍ ଏବଂ ମି. ଡାନିୟେଲ୍ ସିମ୍ (ଡେପୁଟି କନ୍‌ସୁଲେଟ୍ ଜେନେରାଲ୍), ଅଷ୍ଟ୍ରେଲିଆନ୍ କନ୍‌ସୁଲେଟ୍ ଜେନେରାଲ୍, କୋଲକାତାଙ୍କ ମିଳିତ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ଓ ସୃଜନଶୀଳତାର ବିକାଶ ନିମନ୍ତେ ସହଯୋଗର ନକ୍ସା ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ଅଷ୍ଟ୍ରେଲିଆର ବିଭିନ୍ନ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଉଚ୍ଚଶିକ୍ଷାର ସମ୍ପୂର୍ଣ୍ଣ ଚିତ୍ର ତଥା ବିଶ୍ୱରେ ଗବେଷଣା କ୍ଷେତ୍ରରେ ଉପଲବ୍ଧି କରିଥିବା ପ୍ରସିଦ୍ଧିର ତଥ୍ୟ ଶିକ୍ଷାବିତ୍ ମାନେ ଅବଗତ ହୋଇଥିଲେ । ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନେ ଦକ୍ଷ ହେବା ଜରୁରୀ । ଚାକିରି ନଖୋଜି ଚାକିରି ପ୍ରଦାନକାରୀ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ । ସହଯୋଗଭିତିକ ଶିକ୍ଷା ପ୍ରଦାନରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ପରିବର୍ତ୍ତନଶୀଳ ଶିକ୍ଷା ବ୍ୟବସ୍ଥାରେ ସମ୍ବଳ ବନିପାରିବା ସହ ଆନ୍ତର୍ଜାତିକ ସ୍ତରରେ ଗବେଷଣାରେ ପ୍ରସିଦ୍ଧି ଲାଭ କରିପାରିବେ ବୋଲି ସେ ମତପ୍ରକାଶ କରିଥିଲେ । ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ବିଶ୍ୱବିଦ୍ୟାଳୟ ଶିକ୍ଷାରେ ରୂପାନ୍ତରୀକରଣ ପ୍ରକ୍ରିୟା ସମ୍ବନ୍ଧରେ ବିଶେଷ ତଥ୍ୟ ଉପସ୍ଥାପିତ କରିଥିଲେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା କାଉନ୍‌ସିଲର (ଓଏସ୍‌ଏଚ୍‌ଇସି) ଉପାଧ୍ୟକ୍ଷ ପ୍ର. ଅଶୋକ ଦାସ ଦକ୍ଷତା ବିକାଶ ଓ ଗବେଷଣା କ୍ଷେତ୍ରରେ ସହଯୋଗର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିବା ସହ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ବିଭିନ୍ନ ତଥ୍ୟ ଉପସ୍ଥାପିତ କରିଥିଲେ । ଶେଷରେ ବିଭାଗର ଅତିରିକ୍ତ ଶାସନ ସଚିବ ବୀରେନ୍ଦ୍ର କରକରା ଧନ୍ୟବାଦ ଅର୍ପଣ କରିଥିଲେ । ସେଂଚୁରିଅନ୍ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ମୁକ୍ତିକାନ୍ତ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ ।

# ନିଖିଳ ଓଡ଼ିଶା ଆଇନଜୀବୀ ମହାସଂଘର ସତ୍ୟାଗ୍ରହ

ଭୁବନେଶ୍ୱର,(ପି.ଏନ): ନିଖିଳ ଓଡ଼ିଶା ଆଇନଜୀବୀ ମହାସଂଘର ନିଷ୍ପତି କ୍ରମେ ଆଜି ସାରା ରାଜ୍ୟରେ ଓକିଲମାନେ ଦିନିକିଆ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର କୋର୍ଟ ସମ୍ମୁଖରେ ଶତାଧିକ ଆଇନଜୀବୀ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ଜନସାଧାରଙ୍କ ଦାବି ପାଇଁ ଓକିଲଙ୍କ ମୌଳିକ ଅଧିକାର ରକ୍ଷା ପାଇଁ ଏହି ଆନ୍ଦୋଳନ କରାଯାଇଥିଲା। କୋର୍ଟ କାର୍ଯ୍ୟରେ କେହି ବାଧା ସୃଷ୍ଟି ନକରି କିମ୍ବା ହସ୍ତକ୍ଷେପ ନକରି ଓକିଲମାନେ କୋର୍ଟ କାର୍ଯ୍ୟରୁ ଆଜି ନିବୃତି ରହିଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, ହାଇକୋର୍ଟ ପକ୍ଷରୁ ରେଜିଷ୍ଟାର ଜେନେରାଲଙ୍କ ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠ ଆଧାରକୁ ନେଇ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଆଇନଜୀବୀମାନଙ୍କ ବିରୁଦ୍ଧରେ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ଏକ ତରଫା। ଏଥି ପାଇଁ ଓକିଲମାନଙ୍କ ପକ୍ଷରୁ କୌଣସି ଯୁକ୍ତି ଉପସ୍ଥାପନା ଓ ମତବ୍ୟକ୍ତ କରିବାକୁ ସୁଯୋଗ ଦିଆନଯାଇ ଓକିଲମାନଙ୍କ ବିରୁଦ୍ଧରେ ଏପରି ନିର୍ଦ୍ଦେଶ ଦିଆଯାଇଛି। ଏବଂ ରାଜ୍ୟ ଆଇନଜୀବୀ ପରିଷଦ ଓ ଭାରତୀୟ ଆଇଜୀବୀ ପରିଷଦର ଓକିଲ ମାରଣ ନୀତିକୁ ବିରୋଧ କରାଯାଇଛି । ଆଡ୍‌ଭୋକେଟ୍ ଜେନେରାଲ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାକୁ ନିନ୍ଦା କରିବା ସହ ଆଇନଜୀବୀମାନଙ୍କ ନାର୍ଯ୍ୟ ଦାବି ରଖିବା ତଥା ଯୁକ୍ତି ରଖିବା ପାଇଁ ସୁଯୋଗ ଦିଆନଯିବାରୁ ଏହାର ପ୍ରତିବାଦ କରାଯଇଥିଲା। ଏଥି ସହ ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚନ କରିବାକୁ ଦାବି କରାଯାଇଥିଲା। ଏହି ସତ୍ୟାଗ୍ରହରେ ନିଖିଳ ଓଡ଼ିଶା ଆଇନଜୀବୀ ମହାସଂଘ ଷ୍ଟିଅରିଂ କମିଟି ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ଭୁବନେଶ୍ୱର ଓକିଲ ସଂଘର ସଭାପତି ରବିନାରାୟଣ ସମାନ୍ତରାୟ, ଶତାଧିକ ପୁରୁଷ ଓ ମହିଳା ଆଇନଜୀବୀମାନେ ସାମିଲ ହୋଇଥିଲେ।

## ମୋହନ ଜେନାଙ୍କ ବିୟୋଗରେ ଶୋକ ପ୍ରକାଶ କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବତନ ସାଂସଦ ମୋହନ ଜେନାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।ସେ ଟ୍ୱିଟ କରି କହିଛନ୍ତି ଯେ - ଆମ ଦଳର ନେତା ତଥା ପୂର୍ବତନ ସାଂସଦ ମୋହନ ଜେନାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଓଡ଼ିଶା ରାଜନୀତି କ୍ଷେତ୍ରରେ ସେ କରିଥିବା ବିକାଶମୂଳକ ଓ ଜନସେବା କାର୍ଯ୍ୟ ଗୁଡ଼ିକ ସର୍ବଦା ସ୍ମରଣୀୟ ହୋଇ ରହିବ ।




## ସଂଗୀତ ଓ ସମ୍ବର୍ଦ୍ଧନାର ଯୁଗଳବନ୍ଦୀ 'ପ୍ରଣବ ପ୍ରଣାମ'

ଭୁବନେଶ୍ୱର (ପିଏନ୍)-ରେ ଆତ୍ମନ ନିଦ୍ରା ପରିହରି,ମାଝିରେ ଶେଷ ଶ୍ରାବଣ,ମା ତୁମେ ଜଗତର ସାହା ଭରଷା, ଏମିତି ରାତି ସେ ଯେ ଅଭୁଲା ସ୍ମୃତି,ଜୀବନ ଏକ ନାଟକ,ଇନ୍ଦ୍ରଧନୁର ସପ୍ତରଙ୍ଗୁ ଆଦି ଓଡ଼ିଆ ସଂଗୀତ ଜଗତକୁ ଅଂସଖ୍ୟ ମନଛୁଆଁ ଓ ଭାବପୂର୍ଣ୍ଣ ସଂଗୀତରେ ସମୃଦ୍ଧ କରିଥିବା ସଂଗୀତର ସମ୍ମୋହନ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀର ପୂର୍ବସଂଧ୍ୟାରେ ଅନୁଷ୍ଠିତ ହେଉଥିବା ତଥା ଚଳିତ ବର୍ଷ ମହାମାରୀ ପାଇଁ ସ୍ଥଗିତ ଥିବା ପ୍ରଣବ ସଂଗୀତ ଓ ସମ୍ବର୍ଦ୍ଧନାର ସ୍ୱତନ୍ତ୍ର ଅର୍ଘ୍ୟ 'ପ୍ରଣବ ପ୍ରଣାମ' ସଂଭାବନା ପକ୍ଷରୁ ଷୋଡଶ ବର୍ଷ ପାଇଁ ଆୟୋଜିତ ହୋଇଯାଇଛି। ଏହି କିମ୍ବଦନ୍ତୀ ଗାୟକଙ୍କ ସମ୍ମାନରେ ଆୟୋଜିତ ସଂଗୀତ ଓ ସମ୍ବର୍ଦ୍ଧନାର ଏହି କାର୍ଯ୍ୟକ୍ରମ, ସଂଭାବନାର ତ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଆରମ୍ଭ ହୋଇଥିଲା। ଇପ୍‌ସିତା ମହାନ୍ତିଙ୍କ ସ୍ୱରରେ ସୁନା ସଂସାର ଚଳଚ୍ଚିତ୍ରର ସଂଗୀତ, ହେ ଦୁଃଖହାରୀରୁ ଆରମ୍ଭ ହୋଇଥିଲା ସଂଗୀତ ସଂଧ୍ୟା। ପରେପରେ କଣ୍ଠଶିଳ୍ପୀ ସିଦ୍ଧାନ୍ତଙ୍କ ସ୍ୱରରେ ଉର୍ମି ଅଧିରା, ପୁଣ୍ୟତାଙ୍କ କଣ୍ଠରେ ମୁଁ ଯେ ଅମୃତ ସାଗର ବିନ୍ଦୁ ପରିବେଷିତ ହୋଇଥିଲା। ସେହିଭଳି ଜଣାଶୁଣା ଶିଳ୍ପୀ ସୁଶାନ୍ତ ପଣ୍ଡା ଗାଇଥିଲେ ଜୀବନ ଏକ ନାଟକ ଓ ଉଆଁସ ରାତି ପାହିଲା ମାଝି ଭଳି ଜନପ୍ରିୟ ଗୀତ। ପୁଣି ଛନ୍ଦା ମିଶ୍ରଙ୍କ ଗାୟନରେ ଇନ୍ଦ୍ରଧନୁର ସପ୍ତରଙ୍ଗୁ ଓ ଏମିତି ରାତି ବେଶ୍ ଆବେଗିତ କରିଥିଲା ପ୍ରଣବ ପ୍ରେମୀଙ୍କୁ। ଅର୍ଣ୍ଣବଙ୍କ ସ୍ୱରରେ ହାଏ ସେ ହରିଣୀ ଆଖି ଓ ମାଝିରେ ଶେଷ ଶ୍ରାବଣ ଝଙ୍କୃତ ହୋଇଥିଲା। ସେହିପରି ପ୍ରଭାସ କୁମାର ସାହାଣୀ ପରିବେଷଣ କରିଥିଲେ ପୁଣି ସେଇ ଶ୍ରାବଣରେ ପରି ପ୍ରଣୟ ସଂଗୀତ। ପରେ ପରେ ଏଇ ଜୀବନଟା ଏକ ନାଟକ,ଏ ନୁହେଁ କାହାଣୀ,ଏକ ରାଧା ଶ୍ୟାମ ସାଥେ,ମା ତୁମେ ଜଗତର ସାହା ଭରଷା,ଝୁମି ଝୁମି ନିଶାରେ ଆଦି ଏକକ ସଂଗୀତ ସହିତ ଶିଳ୍ପୀମାନଙ୍କ ସ୍ୱରରେ ପରିବେଷିତ ହୋଇଥିଲା ଯଉବନରୁ ଅପରାଧ,ନୀଳ ଆଖି ନୀଳ ଜଳେ ଭାସନା,ରୂପସୀ ରାଣୀ ଗୋ ପରି କିଛି ଲୋକପ୍ରିୟ ଦ୍ୱୈତ ସଂଗୀତ। ସଂଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ସ୍ୱୟଂ ପ୍ରଣବଙ୍କ କଣ୍ଠରେ ରେ ଆତ୍ମନ ଓ ସୀମାହୀନ ଦରିଆ ଭଳି କିଛି କାଳଜୟୀ ସଂଗୀତ ପରିବେଷଣ। ଚଳିତ ପ୍ରଣବ ପ୍ରଣାମ ସଂସ୍କରଣଟି ସମର୍ପିତ ହୋଇଥିଲା ନିକଟରେ ପରଲୋକ ଗମନ କରିଥିବା ପ୍ରଖ୍ୟାତ ସଂଗୀତଜ୍ଞ ପ୍ରଫୁଲ୍ଲ କରଙ୍କୁ। ତାଙ୍କ ନିର୍ଦ୍ଦେଶିତ କିଛି ପ୍ରଣବ ସଂଗୀତ ମାଧ୍ୟମରେ ପ୍ରଫୁଲ୍ଲଙ୍କୁ ଶ୍ରଦ୍ଧାଳି ବାଢିଥିଲେ ସଂଭାବନାର ଶିଳ୍ପୀମାନେ। ଉଦ୍‌ଘାଟକ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଂଭାବନାର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିବା ସମ୍ବର୍ଦ୍ଧନାର ଉତ୍ସବରେ ସଂପାଦକ ଦେବପ୍ରସାଦ ପରିଜା ଉତ୍ସବର ପୃଷ୍ଠଭୂମି ସଂପର୍କରେ କହିଥିଲେ। ପ୍ରମୁଖ ଅତିଥି ଓଡିଶା ହାଉସିଂ ବୋର୍ଡର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ଚାଟାର୍ଡ ଆକାଉଣ୍ଟାଣ୍ଟ୍ ରାଜୀବ ଶେଖର ସାହୁ,୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ, ୨୦୨୨ର ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ ଭାବବିହ୍ୱଳ ପରିବେଶ ମଧ୍ୟରେ ପୁଷ୍ପଗୁଚ୍ଛ ତଥା ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ପ୍ରଣବ କିଶୋର ପଟ୍ଟନାୟକଙ୍କୁ। ଏହି ଅବସରରେ ରୁଚିସମ୍ପନ୍ନ ଓ ଜନପ୍ରିୟ ସଂଗୀତ ଗାୟନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ସଂଗୀତ ଶିଳ୍ପୀ ଇନ୍ଦ୍ରାଣୀ ମିଶ୍ରଙ୍କୁ ଚତୁର୍ଦ୍ଦଶ 'ପ୍ରଣବ ପରମ୍ପରା ସମ୍ମାନ'ରେ ସମ୍ବର୍ଦ୍ଧିତ କରିଥିଲେ ସ୍ୱୟଂ ପ୍ରଣବ ପଟ୍ଟନାୟକ। ସଂଭାବନା ଓଡ଼ିଆଣୀ ସମିତି ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏହି ଅବସରରେ ପ୍ରଣବ ସଂଗୀତ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସଭ୍ୟା ରାଜଶ୍ରୀ ଶତପଥି, ସତ୍ୟବ୍ରତ ମହାପାତ୍ର, ଗୁରୁ ପ୍ରସାଦ ଦାସ, ପ୍ରଫୁଲ୍ଲ ଦେ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ଅଖାଦ୍ୟ ବାଣ୍ଟୁଛନ୍ତି ସରକାର

ଭୁବନେଶ୍ୱର (ପିଏନ୍): ନିକଟରେ ପ୍ରକାଶ ପାଇଥିବା ପ୍ରିତୀ ଗୁଲ୍ଲାଙ୍କ ରିପୋର୍ଟ ସମଗ୍ର ଖାଉଟିମାନଙ୍କୁ ଗଭୀର ଚିନ୍ତାରେ ପକାଇଛି। ଏପ୍ରିଲ ମାସରେ ଖାଦ୍ୟ ଓ ସାଧାରଣ ବିତରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରିତୀ ଗୁଲ୍ଲାଙ୍କ ଗଠିତ ଯାଞ୍ଚ ରିପୋର୍ଟରେ ରାଜ୍ୟରେ ୯ଟି ଜିଲ୍ଲାର ନମୁନା ଯାଞ୍ଚରୁ ଜଣାପଡିଛି ଯେ ୯୧ ପ୍ରତିଶତ ସରକାରୀ ବଣ୍ଟନରେ ମିଳୁଥିବା ଚାଉଳ ନିମ୍ନମାନର, ଏଥିରୁ ୩ଟି ସ୍ଥାନରେ ଥିବା ଚାଉଳ ମଣିଷ ଖାଇବା ପାଇଁ ଅନୁପଯୁକ୍ତ ଏହା କେବଳ ଗୋଖାଦ୍ୟ କରାଯାଇପାରେ, ଏପରିକି ଯେଉଁ ବସ୍ତା ଗୋଦାମର ଯେଉଁ ଚାଉଳ ରହିଛି ସେହି ବସ୍ତା ଗୁଡ଼ିକ ମଧ୍ୟ ପୁରୁଣା ଏବଂ ଚାଉଳ ରଖିବା ପାଇଁ ଅନୁପଯୁକ୍ତ। ଏହି ଚାଉଳ ପି.ଡି.ଏସ୍., ଆଇ.ସି.ଡି.ଏସ୍. ଓ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ପାଇଁ ଦିଆଯାଉଛି। ଆମ ରାଜ୍ୟର ପି.ଡି.ଏସ୍. ଉପଭୋକ୍ତା (ଅତି ଗରିବ ଲୋକ) ଆଇ.ସି.ଡି.ଏସ୍. ଉପଭୋକ୍ତା (ରାଜ୍ୟର ଶିଶୁ ଓ ବାଳିକା, କିଶୋରୀ ବାଳିକା, ଗର୍ଭବତୀ ମହିଳା ବାଳିକା) ମଧ୍ୟାହ୍ନ ଭୋଜନ (ସ୍କୁଲର ଛାତ୍ରଛାତ୍ରୀ)ରେ ଉପକୃତ ହେଉଛନ୍ତି ବୋଲି ସରକାର ଡିଣ୍ଡିମ ପିଟିବାରେ ଲାଗିଛନ୍ତି। ଏହି ଯାଞ୍ଚ ରିପୋର୍ଟ ସରକାରଙ୍କ ହସ୍ତଗତ ହେବା ପରେ ଏହାର ନିରାକରଣ ଦିଗରେ ସରକାର , ପ୍ରଶାସନ ନିରବ ଥିବା ବେଳେ ସମଗ୍ର ରାଜ୍ୟରେ ଏହି କାରବାରକୁ ରୋକି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ ନକରିବା ଫଳରେ ଲୋକଙ୍କ ମଧ୍ୟରେ ଭୟ, ଶଙ୍କା ଓ ଅସନ୍ତୋଷ ବଢି ଚାଲିଛି। ସି.ପି.ଆଇ.(ଏମ୍) ତୁରନ୍ତ ଅଖାଦ୍ୟ ଚାଉଳକୁ ଷ୍ଟକ୍‌ରୁ ହଟାଇ ଉପଯୁକ୍ତ ଚାଉଳ ଯୋଗାଇବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଜିଲ୍ଲାର ଗୋଦାମ ଚଢାଉ କରି ଯେଉଁମାନେ ଏହି କାରବାରରେ ଲିପ୍ତ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୃଢ ଦାବୀ କରୁଛି। ସରକାର, ପୋଷ୍ୟ ଚାଉଳ ବଣ୍ଟନ କରି ସାଧାରଣ ଲୋକଙ୍କ ବିଶ୍ୱାସ ଭାଜନ ହେବ ବୋଲି ଆଶା କରୁଛି।

## ଅଗ୍ନି ବର୍ଷାରେ ପ୍ରଭାବିତ କୋଣାର୍କ !

କୋଣାର୍କ (ପିଏନ୍): ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସୂର୍ଯ୍ୟମନ୍ଦିର ସମୁଦ୍ରକୂଳରେ ଅବସ୍ଥିତ ହୋଇଥିଲେ ମଧ ସୂର୍ଯ୍ୟଙ୍କ କୋପରୁ ବର୍ତ୍ତିଯାଇନାହିଁ। କୋଣାର୍କ ଏନଏସି ଓ ଏହାର ଆଖପାଖ ଅଞ୍ଚଳରେ ତାପମାତ୍ରା ଅହେତୁକ ଭାବରେ ବୃଦ୍ଧିପାଇବାରେ ଲାଗିଛି। ଅଗ୍ନିବର୍ଷା ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଜନଶୂନ୍ୟ ହୋଇ ପଡୁଛି। ଉତ୍ତପ୍ତ ସୂର୍ଯ୍ୟଙ୍କ ପ୍ରଖର କିରଣରେ କୋଣାର୍କ



ସୂର୍ଯ୍ୟମନ୍ଦିରର ପ୍ରସ୍ତରଖଣ୍ଡମାନ ଉତ୍ତପ୍ତ ହୋଇ ମନ୍ଦିର ପରିସରକୁ ଗରମ ପବନରେ ଭରିଦେଉଛି। ଯାହାଫଳରେ ପର୍ଯ୍ୟଟକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ



ପାଇଁ ବିଶ୍ରାମାଗାର ନ ଥିବା ବେଳେ ମନ୍ଦିର ପରିସରରେ ଥିବା ବୃକ୍ଷ ଓ ପାନୀୟ ଜଳର ଷ୍ଟାଣ୍ଡପୋଷ୍ଟ ପାଖରେ ପର୍ଯ୍ୟଟଙ୍କ ଭିଡ ଲାଗିରହୁଛି। କୋଣାର୍କର ସମଗ୍ର ଅଞ୍ଚଳ ବାଲୁକାମୟ ହୋଇଥିବାରୁ ସୂର୍ଯ୍ୟଙ୍କ ପ୍ରଖର ଉତ୍ତପ୍ତ କିରଣରେ ବାଲି ଉତପ୍ତ ହୋଇ ବହୁତ ସମୟ ପର୍ଯ୍ୟନ୍ତ ବାତାବରଣକୁ ଗରମ କରି ରଖୁଛି। ପ୍ରକୃତି ଦାଉ ସାଧୁଥିବା ବେଳେ ବିଭିନ୍ନ ସମୟରେ ମନୁଷ୍ୟକୃତ ବିଦ୍ୟୁତ କାଟ ବୋଝଉପରେ ନଳିତାବିଡା ସଦୃଶ୍ୟ ହୋଇପଡ଼ିଛି। କୋଣାର୍କ ଏନଏସି ମଧ୍ୟରେ ଯାତ୍ରୀ ବିଶ୍ରାମ ଗାର ନଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତୃଷାର୍ତ୍ତ ଯାତ୍ରୀମାନଙ୍କ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଯାଏଁ କୌଣସିଠାରେ ଜଳଛତ୍ର ବା ଜଳଦାନ ଶିବିର କରାଯାଇ ନଥିବା ବେଳେ ସତ୍ୟସାଇ ସେବା ସମିତି ପକ୍ଷରୁ ଥାନା ଛକଠାରେ ଓ ଭାରତ ସ୍କାଉଟ ଓ ଗାଇଡ ପକ୍ଷରୁ ମେଡିକାଲ ଛକଠାରେ ଏକ ଜଳଦାନ ଶିବିର କରାଯାଇଛି। ଏସି, କୁଲର ଓ ପଙ୍ଖା ବିନା ରହିବା କଷ୍ଟକର ହୋଇପଡ଼ିଛି। ଦିନଗରିବ ଓ ଅସହାୟଙ୍କ କଥା ନ କହିବା ଭଲ। ସେମାନେ ଭଗବାନଙ୍କୁ ଭରସାକରି ଗଛ ଛାଇତଳେ ପ୍ରକୃତିଦତ୍ତ ଶିତଳତାକୁ ଅନୁଭବ କରି ବିଶ୍ରାମ ନେଉଛନ୍ତି। ବୁଦ୍ଧୀଜୀବି, ସମାଜସେବୀ ଓ ପରିବେଶବିତ୍‌ଙ୍କ ମତରେ ସମସ୍ତ ନାଗରିକ ଗୋଟିଏ ଗୋଟିଏ ବୃକ୍ଷ ଲଗାଇ ପରିବେଶକୁ ସବୁଜ ବଳୟ ସୃଷ୍ଟି କରିବା ଦିଗରେ ଏବେଠାରୁ ପ୍ରୟାସ ଜାରି ନ ରଖିଲେ ଆଗାମୀ ବର୍ଷମାନଙ୍କରେ ଭୟଙ୍କର ଗରମ ଅନୁଭୂତ ହେବ ବୋଲି ମତ ପ୍ରକାଶ କରିଛନ୍ତି।

## ପାରାଦୀପରେ ୩୬ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ଓ ନବାନ୍ନ ପାରାୟଣ

ପାରାଦୀପ (ପିଏନ୍)-ପାରାଦୀପ ମଧୁବନସ୍ଥିତ ମାରୁତି ମଣ୍ଡପ ଠାରେ ୩୬ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାନ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିଲା। ଏହି ପବିତ୍ର କାର୍ଯ୍ୟକ୍ରମରେ ସନ୍ଥ ତୁଳସୀଦାସ କୃତ ଶ୍ରୀରାମ ଚରିତ ମାନସ ପାରାୟଣ, ବ୍ୟାସ-ମହ' ରମେଶ ମହାରାଜଙ୍କ ଦ୍ୱାରା ପରିଚାଳିତ ହେଉଛି। ପ୍ରତ୍ୟହ ସଂଧ୍ୟା ଆଳତି ପରେ ଶ୍ରୀରାମ ଦୟା ପରିଷଦ ସଭ୍ୟମାନଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ ଏବଂ ଏହା ପରେ ଶ୍ରୀ ସତ୍ୟସାଇ ସେବା ସମିତି, ପାରାଦୀପ ପକ୍ଷରୁ ଭଜନ ପରିବେଷଣ କରାଯାଉଛି। ବରେଣ୍ୟ ପ୍ରବଚକ ରତ୍ନାକର ନାୟକ(ପୁରୀ)ଙ୍କ ଦ୍ୱାରା ପ୍ରବଚନ ସାଧାରଣରେ ଆଧାତ୍ମିକ ପରିବେଶ ସୃଷ୍ଟି କରୁଛି। ଏଣୁ ଏଥିରେ ବହୁ ସଂଖ୍ୟାରେ ଯୋଗଦାନ କରି ଦିବ୍ୟ ଦର୍ଶନ ସହିତ ରାମ କଥାମୃତ ଶ୍ରବଣ ପୂର୍ବକ ଜୀବନକୁ ଧନ୍ୟ କରିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମ ଗତ ମାସ ୧୧ ତାରିଖରେ ଶେଷ ହୋଇଯାଇଛି।

## ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସଂଘର ଉପଦେଷ୍ଟା ଚନ୍ଦ୍ରଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ ସାମ୍ବିଧାନିକ ସମ୍ମିଳନୀ ଗରାପୁରସ୍ଥିତ ପ୍ରାଥମିକ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଶାଖାର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ପ୍ରଶାନ୍ତ ଶତପଥୀ, ରାଜକିଶୋର ପ୍ରଧାନ, ଶିଶିର ଦାସ, ଅମୀୟ ଚୌଧୁରୀ, ବିଶ୍ୱବନ୍ଧୁ ଜେନା, ସେକ୍ ଖତିବ୍, ଅନ୍ତର୍ଯ୍ୟାମୀ ମଳିକ, ଅକ୍ଷୟ ଦାସ, ଅନୀଲ ଦାଶ, ଚିତ୍ତରଞ୍ଜନ ରାଉଳ, ବିଶ୍ୱରଞ୍ଜନ ଦାଶ, ଜୟନ୍ତ ମଲ୍ଲିକ, ନରେନ୍ଦ୍ର ପରିଡ଼ା, ଦିବାକର ରାଉତ ପ୍ରମୁଖ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଉପସ୍ଥିତିରେ ଜିଲ୍ଲା ସଂଘର ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ




କରାଯାଇଥିଲା। ସଙ୍ଘର ସଭାପତି ଭାବେ ଅନନ୍ତ କୁମାର ପରିଡ଼ା, ସାଧାରଣ ସଂପାଦକ ଅଶ୍ୱିନୀ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମଳିକ, ସଂଗଠନ ସଂପାଦକ ହରି ଶଙ୍କର ତରାଇ, ଉପ-ସଭାପତି ଅଭୟକାନ୍ତ ରାଉତ, କାକୁଲି ମଲ୍ଲିକ, ଅନିଲ କୁମାର ନନ୍ଦ, ନରେନ୍ଦ୍ର ପାଢ଼ୀ, ସହ-ସଂପାଦକ ଦିବାକର ରାଉତ, ଶୁଭଶ୍ରୀ ମାଝି, ମିର୍ଜା ଅଲିମ୍, ସଚିଦାନନ୍ଦ ମିଶ୍ର, ରୁପମା ଗୁରୁ, କୋଷାଧକ୍ଷ ଖଗେଶ୍ୱର ସାମଲ, ସମୀକ୍ଷକ ଶିବପ୍ରସାଦ ମିଶ୍ର, ମୁଖପାତ୍ର ଭକ୍ତରଞ୍ଜନ ସ୍ୱାଇଁ ଓ ଗଣମାଧମ ସଂଯୋଜକ ଭାବେ ସେକ୍ ମହମ୍ମଦ ଫାୟାଜୁଦ୍ଦିନଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ସଂଘର ଉପଦେଷ୍ଟା ଭାବେ ଚନ୍ଦ୍ରଶେଖର ମହାପାତ୍ର, ଅନୀଲ ଦାଶ, ରାଜକିଶୋର ପ୍ରଧାନ, ଜୟଦେବ ମଣ୍ଡଳଙ୍କୁ ମଧ ମନୋନୀତ କରାଯାଇଥିଲା। ଶିକ୍ଷକମାନଙ୍କ ହକ୍ ପାଇଁ ସଂଘ ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବାକୁ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସଙ୍ଘର ମୁଖ୍ୟ ଉପଦେଷ୍ଟା ଚନ୍ଦ୍ରଶେଖର ମହାପାତ୍ର ଶପଥ ପାଠ କରାଇଥିଲେ। ପୁରୁଣା ପେନ୍‌ସନ୍ ଲାଗୁ ପାଇଁ ଆଗାମୀ ଦିନରେ ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସରକାରଙ୍କ ପାଖରେ ଦାବି କରିବା ସହ ଏହି ଦାବି ହାସଲ ନିମନ୍ତେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ନବ ନିର୍ବାଚିତ ସଭାପତି ଶ୍ରୀ ପରିଡ଼ା ଓ ସାଧାରଣ ସଂପାଦକ ଶ୍ରୀ ରାଉତ ତାଙ୍କ ଅଭିଭାଷଣରେ ସମବେତ ଶିକ୍ଷକ ନେତୃମଣ୍ଡଳୀକୁ ସମ୍ବୋଧିତ କରିଥିଲେ। ପୁରୁଣା ପେନ୍‌ସନ୍ ଲାଗୁ ପାଇଁ ରାଜ୍ୟସ୍ତରୀୟ ନୂତନ ପେନ୍‌ସନ୍ ଯୋଜନାଭୁକ୍ତ କର୍ମଚାରୀଙ୍କ ମହାସମାବେଶକୁ ସଂପୂର୍ଣ୍ଣ ସହଯୋଗ କରି ଦାବି ହାସଲ ନିମନ୍ତେ ନବନିର୍ବାଚିତ କର୍ମକର୍ତ୍ତା ଉଦ୍‌ବୋଧନ ଦେଇଥିଲେ। ପରିଶେଷରେ ପଟ୍ଟାମୁଣ୍ଡାଇ ବ୍ଲକ ସଂଘର ସଭାପତି ବିଶ୍ୱରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## "ପିଏମ କେୟାର୍ସ ଫର୍ ଚିଲଡ୍ରେନ" ଯୋଜନାରେ ବାଲେଶ୍ୱର ଜିଲ୍ଲାର ତିନିଜଣ ପିଲା ସାମିଲ



ବାଲେଶ୍ୱର (ପିଏନ୍)-କୋଭିଡ୍ ମହାମାରୀ ସମୟରେ କୋଭିଡ୍ ସଂକ୍ରମଣରେ ଉଭୟ ପିତାମାତାଙ୍କୁ ହରାଇ ପିତୃମାତୃହୀନ ହୋଇଥିବା ସମଗ୍ର ଦେଶର ପିଲାମାନଙ୍କ ପ୍ରତିପାଳନ, ସୁରକ୍ଷା ଓ ଶିକ୍ଷା ଦ୍ୱାରା ସେମାନଙ୍କର ଉପଯୁକ୍ତ ଥଇଥାନ ନିମନ୍ତେ "ପିଏମ କେୟାର୍ସ ଫର ଚିଲଡ୍ରେନ" ଯୋଜନାରେ ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ଗତକାଲି ପୂର୍ବାହ୍ନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଏଭଳି ପିଲାମାନଙ୍କୁ ସହାୟତା ପ୍ରଦାନ କରିବା ସହିତ ସେମାନଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଛନ୍ତି। ପ୍ରତି ପିଲାଙ୍କୁ ୧୮ବର୍ଷ ବୟସ ହେବା ପରେ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା, ଚିକିତ୍ସା ନିମନ୍ତେ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ମାସିକ ପ୍ରତିପୋଷଣ ଖର୍ଚ୍ଚ ୩ବର୍ଷ ପର୍ଯ୍ୟନ୍ତ ୪ହଜାର ଟଙ୍କା ଲେଖାଏଁ, ଶିକ୍ଷା ନିମନ୍ତେ ବାର୍ଷିକ ଷ୍ଟାଇପେଣ୍ଡ ୨୦ହଜାର ଟଙ୍କା ଏବଂ ଉଚ୍ଚଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ନିମନ୍ତେ ଋଣ ସହାୟତା ଇତ୍ୟାଦି ଏହି ଯୋଜନାର ମୁଖ୍ୟ ଅଂଶବିଶେଷ ଅଟେ। ମାନ୍ୟବର ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ଭାଗରୁ ଆଭାସୀରେ ଯୋଡି ହୋଇଥିବା ପିଲା ଓ ସେମାନଙ୍କ ଅଭିଭାବକମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ଉଭୟ ପିତାମାତାଙ୍କୁ ହରାଇଥିବା ପିଲାମାନଙ୍କ ଜୀବନ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଅଟେ। ସେମାନଙ୍କର ଉପଯୁକ୍ତ ଥଇଥାନ, ସ୍ନେହ, ଆଦର ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ସେମାନଙ୍କର ଅଭିଭାବକ, ସରକାରୀ କର୍ମକର୍ତ୍ତା ଏବଂ ସର୍ବୋପରି ସରକାର ସମ୍ବେଦନଶୀଳ ହୋଇ ଉଚିତ୍ ପଦକ୍ଷେପ ନେଲେ ସେମାନେ ବଡ ବଡ ଆହ୍ୱାନର ମୁକାବିଲା କରିପାରିବା ସହିତ ଆଗାମୀ ଦିନରେ ଦେଶର ଉତ୍ତମ ନାଗରିକ ଭାବେ ଗଢି ଉଠିବେ। ସ୍ଥାନୀୟ ଏନଆଇସି କାର୍ଯ୍ୟାଳୟ ଭିଡିଓ କନଫରେନ୍ସିଂ ହଲରେ ଅନୁଷ୍ଠିତ ଏହି ଆଭାସୀ କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗ ଦେଇ ଏହି ଯୋଜନାରେ ସାମିଲ ଜିଲ୍ଲାର ୩ ପିଲାଙ୍କୁ ପିଏମ କେୟାର୍ସ ପାସବୁକ୍, ସାର୍ଟିଫିକେଟ୍, ସ୍ୱାସ୍ଥ୍ୟବୀମା କାର୍ଡ, ସହାୟତା କିଟ୍ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ପ୍ରଦାନ କରିବା ସହିତ ସେମାନଙ୍କ ଉତରୋତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଶ୍ରୀ ଭାଗିରଥୀ ବାରିକ୍‌ଙ୍କ ସମେତ କମିଟି ସଦସ୍ୟ ଶ୍ରୀ ଗଣେଶ୍ୱର ରାଉତ, ଶ୍ରୀମତୀ ଗୌରୀରାଣୀ ଉପାଧ୍ୟାୟ, ଶ୍ରୀ ଆଶିଷ କୁମାର ଘୋଷ, ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଦସ୍ୟା ଶ୍ରୀମତୀ ଉଷାରାଣୀ ପତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜରାନିବାସ ସ୍ଥାପନ ପାଇଁ ବୈଠକ

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ଆମଣଠାରେ 'କୃଷ୍ଣାଭିରାମ ଶାନ୍ତିଧାମ' ନାମକ ଏକ ନୂତନ ଜରାନିବାସ ସ୍ଥାପନ ପାଇଁ ଏକ ବୈଠକ ଆମଣ ସମାଧି ପୀଠରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ହେମନ୍ତକୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଭାପତି ପ୍ରଦୀପକୁମାର ଦାସ, ଗୟାଧର ବେହେରା, ପରେଶ ମଙ୍ଗରାଜ, ଉପଦେଷ୍ଟା ଲଳିତକୁମାର ଦାଶ, ପ୍ରତାପଚନ୍ଦ୍ର ଦାଶ, ବିପ୍ରଚରଣ ଭୋଳ, ପ୍ରାକ୍ତନ କର୍ପୋରେଟର ପ୍ରମୋଦ ମହାପାତ୍ର, ସତ୍ୟରଂଜନ ବେହେରା, ପୂର୍ବତନ ସରପଞ୍ଚ କବିତା ଦାସ, ସୁରେନ୍ଦ୍ର ସାହୁ,



ପ୍ରଭାକର ଭୋଇ, ରାଜକିଶୋର ପଟ୍ଟନାୟକ, କାଳନ୍ଦି ଭୋଇ, ପ୍ରତାପକେଶରୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜରାନିବାସ ସ୍ଥାପନ ପାଇଁ ଜମି ଚିହ୍ନଟ, ପଂଜିକରଣ ଓ ଅର୍ଥ ମଂଜୁର ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସପ୍ତାହକ ମଧ୍ୟରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୈଠକରେ ସ୍ଥିର ହୋଇଥିଲା।

## ଛାତ୍ରବତ୍ସଳା ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ସାମନ୍ତରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ରଙ୍କ ଅବସର ଉପଲକ୍ଷେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି



ସଭାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, କାଉନସିଲର କମଳ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ମହାପାତ୍ରଙ୍କୁ ଜଣେ ଛାତ୍ରବତ୍ସଳା ଓ ଶିକ୍ଷା ପାଇଁ ସମର୍ପିତ ମଣିଷ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷୟିତ୍ରୀ ଅନସୂୟା ସାମନ୍ତରାୟ, କିରଣବାଳା ମହାନ୍ତି, କ୍ଷଣପ୍ରଭା ସାହୁ, ନିରୁପମା ପୃଷ୍ଟି, ରଶ୍ମିତା ବେହେରା, ନମିତାରାଣୀ ରାୟସାମନ୍ତ, ଶେଷଦେବ ଛୋଟରାୟ ପ୍ରମୁଖ ତାଙ୍କର ସମୟାନୁବର୍ତ୍ତିତା ଓ ଉତ୍ତମ ଶିକ୍ଷାଦାନ ସଂପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କ ପକ୍ଷରୁ ମାନପତ୍ର, ଉପଢୌକନ ଆଦି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ପେନସନ୍, ଗ୍ରାଚୁଇଟି ଆଦି କାଗଜପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।




# ବିଦ୍ୟାଳୟ ଭିତରୁ ଧରାପଡିଲା ବିଦେଶୀ ମଦ ବଟଲିଂ କାରଖାନା, ୨ ଗିରଫ

ରାଉରକେଲା, (ପି.ଏନ): ରାଉରକେଲା ନିକଟ ନୂଆଗାଁ ଅର୍ନ୍ତଗତ ଫୁଲଝର ଠାରେ ଥିବା ଏକ ଘରୋଇ ବିଦ୍ୟାଳୟ ପରିସରରେ ଚାଲିଥିବା ଏକ ବେଆଇନ ବିଦେଶୀ ମଦ ବଟଲିଂ କାରଖାନାକୁ ରାଉରକେଲା ଅବକାରୀ ବିଭାଗ ଠାବ କରିଛି। ସେଠାରୁ ୧୨୪୮ ବୋତଲ ମଦ ଜବତ ହେବା ସହ ଏହା ୯୩୬ ଲିଟର ହେବ ଓ ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ହେବ ବୋଲି ଅବକାରୀ ବିଭାଗ ପ୍ରକାଶ କରିଛି। ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ରାଉରକେଲା ଠାରେ ଅବକାରୀ ବିଭାଗର କମିଶନର ଅଫିସ ହେବା ପରେ ଜିଲ୍ଲାରେ ଗଂଜେଇ, ନକଲି ମଦ କାରବାର ସମେତ ଏହାର ଚୋରା କାରବାର ସାଂଗକୁ ବ୍ରାଉନସୁଗାର, ଚରଶ ଭଳି କାରବାର ଦିନକୁ ଦିନ ବଢିଚାଲିଛି। ମଝି ମଝିରେ ଧରା ଯାଉଥିବା ଏହି ସବୁ ସାମଗ୍ରୀର ବିପୁଳ କାରବାର ତାର ଜ୍ୱଳନ୍ତ ଉଦାହରଣ। ରାଉରକେଲା ସହର ବର୍ତମାନ ବ୍ରାଉନସୁଗାର କାରବାରର ପେନ୍‌ସ୍ଥଳୀ ସାଜିଛି। ଏଠାରୁ ବୀରମିତ୍ରପୁର, ରାଜଗାଂଗପୁର, ସୁନ୍ଦରଗଡ ଆଦି ସ୍ଥାନକୁ ଚାଲାଣ ହେଉଥିବା ବେଳେ ଏସବୁ ଆରାମରେ ବାଲେଶ୍ୱର ଓ କଲିକତା ଅଂଚଳରୁ ଆସୁଥିବା ଖବର ଯୋର ଧରିଥିବା ବେଳେ ନୂଆଗାଁର ଫୁଲଝର ବିଦ୍ୟାଳୟରେ ବଟଲିଂ କାରଖାନା ଧରାପଡିବା ଘଟଣା ଜିଲ୍ଲାରେ ନକଲି ନିଶା କାରବାର ବଢିବାରେ ଲାଗିଥିବା ନେଇ ହେଉଥିବା ଅଭିଯୋଗ ପ୍ରମାଣିତ ହୋଇଛି। ଅବକାରୀ ବିଭାଗ ଏହି କାରଖାନାକୁ ଠାବ କଲାପରେ କହିଛି ଯେ, ଏହି ମଦ ରାଂଚି ଅଂଚଳରୁ ଚାଲାଣ ହେଉଥିଲା, ବିଭିନ୍ନ ଯାଗାରୁ ବୋତଲ ସଂଗ୍ରହ କରାଯାଇ ନକଲି ଲେବୁଲ ଓ ସିଲ୍ ଦ୍ୱାରା ଏସବୁ ପ୍ରସ୍ତୁତ କରାଯାଇ ସହରାଂଚଳରେ ଥିବା ଢାବା, ବସ୍ତି ଗୁଡିକରେ ଥିବା ଚୋରା ମଦବେପାରୀ ମାନଂକୁ ଏସବୁ ଚାଲାଣ କରାଯାଉଥିଲା। ଅନେକ ସମୟରେ ବିଦେଶୀ ମଦ ଦୋକାନ ଗୁଡିକରେ ନକଲି ବିଦେଶୀ ମଦ ବିକ୍ରୀ ହେଉଥିବାର ଯେଉଁସବୁ ଅଭିଯୋଗ ହେଉଥିଲା ତାହା ଏହି କାରବାରରୁ ଅଧିକ ସୁଦୃଢ ହୋଇଥିବା ଜଣାପଡିଛି। ରାଉରକେଲା ସମେତ ବେଦବ୍ୟାସ, ରାଜଗାଂଗପୁର, ରାସ୍ତାକଡରେ ଥିବା ଢାବା ଗୁଡିକରେ ଏସବୁ ମଦ ଅଧିକରୁ ଅଧିକ ଚାଲିଥିବା ବେଳେ ଅବକାରୀ ବିଭାଗ ଓ ପୁଲିସ ଏନେଇ ସଂପୁର୍ଣ ନିରବ ଦ୍ରଷ୍ଟା ସାଜିଛି। ଫଳରେ ଏହି ନକଲି ନିଶା କାରବାର ଲାଭ ଦାୟକ ହେବାରୁ ଏଠାରେ ଅତି ସହଜରେ ସୁପରଫାଇନ ବୁଦ୍ଧି ଲଗାଇ ଏକ ଶିକ୍ଷାନୁଷ୍ଠାନରେ ଏହି ବେପାରର କାରଖାନା ଲଗାଯାଇ କାରବାର ଚଳା ଯାଉଥିଲା ବୋଲି କୁହାଯାଉଛି। ପଡୋଶୀ ରାଜ୍ୟରେ ବିଦେଶୀ ମଦ ଶସ୍ତା ହୋଇଥିବା ବେଳେ ଓଡିଶାରେ ତାହା ମହଙ୍ଗା, ତେଣୁ ସେଠାରୁ ଚୋରାରେ ବିଦେଶୀ ମଦ ଓଡିଶାର ରାଉରକେଲା ଅଂଚଳକୁ ଚାଲାଣ କରାଯାଇ ବେପାର କରି ସଫଳ ହେବା ପରେ ସେହି ନାମରେ ନକଲି କାରବାର ଚଳାଇବା ଏହି ବେପାରୀଙ୍କୁ ସହାୟକ ହୋଇଛି। ତେଣୁ ରାଉରକେଲା ସମେତ ବିଭିନ୍ନ ଅଂଚଳରେ ଏହି କାରବାର ବଢିବାରେ ଲାଗିଛି।

## ତୁମୁଡିବନ୍ଧ ଶିଶୁ ବିଦ୍ୟାମନ୍ଦିରରେ ସ୍ୱଦେଶୀ ସପ୍ତାହ ପାଳନ

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ମୁଖ୍ୟାଳୟ ଠାରେ ଥିବା ଡ଼ଃ. ଆମ୍ବେଦକାର ଛକରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କୁନି କୁନି ଛାତ୍ରଛାତ୍ରୀମାନେ ସ୍ୱଦେଶୀ ଜିନିଷଗୁଡ଼ିକର ପ୍ରଦର୍ଶନ କରିଥିଲେ। ଡିସେମ୍ବର ୬ ରୁ ୧୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ସ୍ୱଦେଶୀ ସପ୍ତାହ ପାଳନ କରାଯାଉଛି। ବିଭିନ୍ନ ସ୍ଥାନରେ ଏହି ଅବସରରେ ବକ୍ତୃତା, ଚିତ୍ରାଙ୍କନ, ସଚେତନତା ରାଲି, ପଥପ୍ରାନ୍ତ ନାଟକ, ଦାସକାଠିଆ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲା ବେଳେ ଏହି ଅନୁଷ୍ଠାନର ଭାଇ ଭଉଣୀମାନେ ଘରେ ବ୍ୟବହୃତ କରୁଥିବା ବିଭିନ୍ନ ସ୍ୱଦେଶୀ ଦ୍ରବ୍ୟ, ଖାଦ୍ୟ ସାମଗ୍ରୀ, ପନିପରିବା, ଫୁଲ ଫଳ ଆଦି ପ୍ରଦର୍ଶନ କରିବା ସହ ସେହି ଜିନିଷଗୁଡ଼ିକର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ଧଳ ସ୍ୱଦେଶୀ ଜିନିଷର ନାମ ସହ ତାର ବ୍ୟବହାର ବିଷୟରେ ଅବଗତ କରାଇବା ସହ ପ୍ରଥମରୁ ପରିବାର ଠାରୁ ଏ ସଚେତନତା ଆରମ୍ଭ ହେବା ଉଚିତ ବୋଲି କହିଥିଲେ।

## ବିଜୁ ପଟ୍ଟନାୟକ ମହିଳା କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

ସୁବର୍ଣ୍ଣପୁର, (ପି.ଏନ): ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ୨୫ ତମ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ମଶାଲ ଶୋଭାଯାତ୍ରା ମା ସୁରେଶ୍ୱରୀଙ୍କ ମନ୍ଦିରରୁ ବାହାରି ଏହି ଷ୍ଟାଡିୟମରେ ପହଂଚିଥିଲା। ଏହି ଅବସରରେ ଆୟୋଜିତ ଏକ ସଭାରେ ମହିଳା କଲେଜର ଅଧ୍ୟକ୍ଷା ରିତାରାଣୀ ପୂଜାରୀ ଅଧ୍ୟକ୍ଷତା କରିଥିବା ବେଳେ ଏଡିଏମ ତଥା କଲେଜ ପରିଚାଳନା କମିଟିର ସଭାପତି ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦଘାଟନ କରି କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ସଂଜୁ ରାଣୀ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବମୋଟ ୧୧ ଗୋଟି ଇଭେଂଟ ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ଏଥିରେ ଯୁକ୍ତ ୩ ର ଶେଷ ବର୍ଷ ର ଛାତ୍ରୀ ସୁଜାତା ନାଏକ ଚମ୍ପିୟାନ ହୋଇଥିଲେ। ଅଧ୍ୟାପକ ଦୁଃଖିଶ୍ୟାମ ମେହେର ମଂଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ମଦନ ସୁନ୍ଦର ଖେତୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ ଉଦଯାପନୀ ଉତ୍ସବରେ ଯୋଗଦେଇ କୃତି ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ଭୁକୁଲୁ ବକ୍ସି ଓ ପ୍ରଭାସିନି ରଥ ଖେଳ ପରିଚାଳନା କରିଥିଲେ। ଅଧ୍ୟାପିକା ମିତାଶ୍ରୀ ବାରିକ, ଟେର ବୂଈ ହୋତା, ରଂଜିତା ମିଶ୍ର, ସଂଜୁରା ଣୀ ସିଂ, ଆରରୀ ହୋତା, ମଦନ ପଣ୍ଡା, ଖିରୋଦ ମେହେର, ସଲିଳ ବେହେରା, ସଂଜୀବ ହୋତା, ଅନାର୍ଯ୍ୟାମୀ ମିଶ୍ର, ସୁଦାମ ସାହୁ, ପ୍ରଦୀପ୍ତ ଦାଶ, ସୁରେନ୍ଦ୍ର ଛତ୍ରିଆ, ହରିଓଂ କୁଶଳ, ଉମାକାନ୍ତ ସୁନା, ମିତ୍ରଭାନୁ ଦନ୍ତା, ଷଷ୍ଠୀ ଜଗଦଲା, ସୁବର୍ଣ୍ଣ ରଥ, ମାଧବୀ ବାଘ, ଅଙ୍କୁର ପାଣିଗ୍ରାହୀ, ଆଶୁତୋଷ ପରଧୀଆ ପ୍ରମୁଖ ସମସ୍ତ ଟିଚିଙ୍ଗ ନନ ଟିଚିଙ୍ଗ କର୍ମଚାରୀ ଖେଳରେ ସହଯୋଗ କରିଥିଲେ।

## ମାଲକାନଗିରି ମହାବିଦ୍ୟାଳୟରେ ପ୍ରଥମ ଥର ପାଇଁ ଜିଲ୍ଲାସ୍ତରୀୟ ଆନ୍ତଃମହାବିଦ୍ୟାଳୟ କ୍ରିକେଟ ଓ ଭଲିବଲ ଟୁର୍ଣ୍ଣମେଂଟ ଆୟୋଜନ

ମାଲକାନଗିରି, (ପି.ଏନ): ମାଲକାନଗିରି ମହାବିଦ୍ୟାଳୟରେ ପ୍ରଥମ ଥର ପାଇଁ ଜିଲ୍ଲାସ୍ତରୀୟ ଆନ୍ତଃମହାବିଦ୍ୟାଳୟ କ୍ରିକେଟ ଓ ଭଲିବଲ ଟୁର୍ଣ୍ଣମେଣ୍ଟର ଆୟୋଜନ ହୋଇଛି। ଏହି ଟୁର୍ଣ୍ଣମେଣ୍ଟ ତା,୧୨/୧୨/୨୦୨୨ ରୁ ଆରମ୍ଭ ହୋଇ ୧୫/୧୨/୨୦୨୨ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଧୃବଚରଣ ମୁଦୁଲି ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ନମିତା ଦଣ୍ଡସେନା ସଭା ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ରୂପେ ବରିଷ୍ଠ ପ୍ରାଧ୍ୟାପକ ଲିଙ୍ଗରାଜ ମିଶ୍ରଙ୍କ ସମେତ ଜିମୁତ ନାୟକ, ଅଭିମନ୍ୟୁ ଦଳ ବେହେରା ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।


2021-2022

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ। ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା। ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି। ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି। ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ। ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି। ଏହାର ସମାଧାନ ଆମ ନିଜ ପାଖରେ ଅଛି। ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି(ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ.ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି। କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି। ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଦୋନ୍ନତି ମିଳିଛି। ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି। ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି। ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ। ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି। ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday December 13, 2022 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୧୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ନାଟକ "ଭୁଲ କାହାର ଭୋଗୁଛି କିଏ"




ଚଣ୍ଡିଖୋଲ, (ପି.ଏନ):ଚଣ୍ଡିଖୋଲ କୋର୍ଟର ୧୬ତମ ପ୍ରତିଷ୍ଠା ଦିବସ ସମାରୋହ ତୃତୀୟ ଦିବସ ଅବସରରେ କୋର୍ଟ ବାର ଆସୋସିଏସନ ଆଇନଜୀବୀ ମାନଙ୍କ ଦ୍ୱାରା ସାମାଜିକ ନାଟକ "ଭୁଲ କାହାର ଭୋଗୁଛି କିଏ" ମଂଚସ୍ଥ ହୋଇଯାଇଛି। ଓଡିଶା ଉଚ୍ଚ ନ୍ୟାୟଳୟର ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲା ବେଳେ ଯାଜପୁର ଜିଲ୍ଲା ଓ ଦୌରାଜଜ ଦାମୋଦର ରଥ ଯୋଗ ଦେଇଥିଲେ। ରାଜ୍ୟ ଆଇନଜୀବୀ ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ଗୋପାଳକୃଷ୍ଣ ମହାନ୍ତି ସମ୍ମାନିତ ଅତିଥି ଓ ବର୍ଷିୟାନ ସିନେ କଳାକାର ତଥା ଆଇନଜୀବୀ ଜର୍ଜ ଥିଆଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇନଜୀବୀ ମାନେ କେବଳ କୋର୍ଟ ଓ ମାଲିମକଦମା ଭିତରେ ବୁଡି ରୁହନ୍ତି ତାହା ନୁହେଁ ସେମାନଙ୍କ ଭିତରେ କଳା ସାହିତ୍ୟ ଓ ସଂସ୍କୃତି ଭାବନା ରହିଛି। ସମୟ ଓ ସୁଯୋଗ ପାଇଲେ ସେମାନେ ଅନ୍ୟ ମାନଙ୍କ ମନରେ ଖୁସି ଓ ଆନନ୍ଦ ଦେବା ସହ ମନୋରଞ୍ଜନ ଖୋରାକ ଯୋଗାଇ ଦେଇଥାନ୍ତି। ନାଟ୍ୟ ନିର୍ଦ୍ଦେଶକ ଅରୁଣ କୁମାର ମହାପାତ୍ରଙ୍କ ନିଦର୍ଦ୍ଦେଶନାରେ ନାଟକ ଭୁଲ କାହାର ଭୋଗୁଛି କିଏ ମଂଚସ୍ଥ ହୋଇଥିଲା। ବାର ଆସୋସିଏସନ ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାଂସ୍କୃତକ ସଂପାଦକ ବିରେନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବାର ସଂପାଦକ ପ୍ରକାଶ କୁମାର ଦାଶ ଅତିଥି ପରିଚୟ ଓ ସଂପାଦକୀୟ ପାଠ କରିଥିଲେ। ଶିରିଶ ସାମଲ ବକ୍ତବ୍ୟ ପ୍ରଦାନ କରିଥିଲେ। ଗତବର୍ଷ ନାଟକରେ ଅଭିନୟ କରିଥିବା ସମସ୍ତ ଆଇନଜୀବୀ କଳାକାର ମାନଙ୍କୁ ମଂଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦୟଗିରିଶୋଭନୀୟ ଶିକ୍ଷାଶ୍ରମ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା "କନ୍ୟା କଲ୍ୟାଣମୟୀ" ଶିର୍ଷକ କ୍ଷୁଦ୍ର ନାଟକ ସଂଗୀତ ପରିବେଷଣ କରାଯାଇଥିଲା। ଯୁଗ୍ମ ସଂପାଦକ ସୁଦର୍ଶନ ଘଡାଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ କୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀ, ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତିରେ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଜାରକା ପଞ୍ଚାୟତ ବିଜେପିର ବୈଠକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ବିଜେପିର ଏକ ବୈଠକ ଦକ୍ଷିଣ ଶାସନ ଗ୍ରାମସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଆଜି ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ଉପେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଜେପି ନେତ୍ରୀ ସ୍ମୃତିରେଖା ପହି ମୁଖ୍ୟଅତିଥ ଭାବେ ଯୋଗଦେଇ ଦୁର୍ନୀତିଗ୍ରସ୍ତ ବିଜେଡି ସରକାର ବିରୋଧରେ ଲଢିବା ପାଇଁ ନିଜକୁ ପ୍ରସ୍ତୁତ ରଖିବା ସହିତ ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ, ଦେବେନ୍ଦ୍ର କର, ମହେଶ୍ୱର ରାଉତ, ସତ୍ୟନାରାୟଣ କର, ଭାସ୍କର ରଥ, ରାମଚନ୍ଦ୍ର ରାଉତ, ଶ୍ରୀନିବାସ ତ୍ରିପାଠୀ, ମନୋଜ କୁମାର ସାମଲ, ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରଭାତ ଦାଶ, ସୁମିତ୍ରା ରାଉତ, ଅନିତା ଦାସ, କୁମର ଖଟୁଆ, ଟୁକୁନା କାଣ୍ଡି, ବାଇଧର ଦାସ, ରଜନୀ ରାଉତ, ସୟ ଲେଙ୍କା ଓ ଯୁବନେତା ସ୍ମୃତିରଂଜନ ବାରିକ ଯୋଗଦେଇ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ।

## ବାଳଶ୍ରମିକ ଉଚ୍ଛେଦ ବିରୋଧରେ ରାଜ୍ୟରେ ଇ-କ୍ୟାମ୍ପେନ୍ ଆରମ୍ଭ






ଭୁବନେଶ୍ୱର, (ପି.ଏନ): ଇଡିୟୁସିଓ ଏବଂ ପ୍ରେମ୍ ଓ ଓଡିଶା ରାଜ୍ୟ ବାଳ ଅଧିକାର ସୁରକ୍ଷା କମିସନରଙ୍କ ମିଳିତ ସହଯୋଗରେ ବାଳ ଶ୍ରମିକ ଉଚ୍ଛେଦ ଓ ବାଳ ବିବାହ ବନ୍ଦ ପାଇଁ ଏକ ରାଜ୍ୟ ସ୍ତରୀୟ ସମ୍ମିଳନୀ ଆଜି ହୋଟେଲ ଏଚ୍.ଏଚ୍.ଆଇରେ ବାଳ ଅଧିକାର ସୁରକ୍ଷା କମିସନର ସନ୍ଧ୍ୟାରାଣୀ ପ୍ରଧାନଙ୍କ ସଭାପତିତ୍ୱରେ ସାଂସଦ ସୁଜିତ୍ କୁମାର, ଆୟୋଜକ ଇଡିୟୁସିଓ ଏବଂ ପ୍ରେମ୍‌ର ମୁଖ୍ୟ ଗୁରୁପ୍ରସାଦ,ଜାକବ ଥୁଣ୍ଡୁଲି ଅତିଥି ଭାବେ ଯୋଗ ଦେବା ସହ ସଭାକାର୍ଯ୍ୟ ପରିଚ୍ଛଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଅତିଥିବୃନ୍ଦ ସେମାନଙ୍କ ଅତିଥି ଅଭିଭାଷଣରେ ବାଳ ଶ୍ରମିକ ଓ ବାଳ ବିବାହ ପ୍ରଥା ବନ୍ଦ ପାଇଁ ରାଜ୍ୟ ସାରା ଇ-ଅଭିଯାନ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଳଶ୍ରମିକ ଅଭିଶେକ ଓ ପାପୁନୀ ନାଏକ ଦାରିଙ୍ଗବାଡିରୁ ଆଜି ତାଙ୍କ ସମସ୍ୟା ବିଷୟରେ ପ୍ରତ୍ୟକ୍ଷ ଅନୁଭୂତି ବଖାଣି ବାଳଶ୍ରମିକଙ୍କୁ ଗରିବ ସ୍ଥାନାନ୍ତର ଶ୍ରମିକ ପରିବାରରୁ ମୁକ୍ତ କରିବାକୁ ହେଲେ ସେମାନଙ୍କ ପାଇଁ ଶିକ୍ଷା ଓ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଦୂରକରିବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ । ଏଥିପାଇଁ ବାଳଶ୍ରମିକ ଉଚ୍ଛେଦ ଅଭିଯାନ ଓଡିଶାର ଗୋପାଳ କର, ରଣଜିତ୍ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ରହି ସେମାନଙ୍କ ଅଭିଯାନକୁ ସଫଳ କରିବାକୁ ହେଲେ ସରକାର ସମସ୍ତଙ୍କୁ ସାମିଲ୍ କରାଇ, ଶିକ୍ଷା ଓ ସ୍ଥାନାନ୍ତର ଶ୍ରମିକଙ୍କ ପାଇଁ କର୍ମ ବ୍ୟବସ୍ଥା ନିମନ୍ତେ ଅଧିକ ବ୍ୟୟ ଅଟକଳ କରିବା ଦରକାର । ଶିଳ୍ପାଂଚଳ, ଖଣି ଅଂଚଳ ଓ ରାଜ୍ୟର ସିମାନ୍ତ ଅଂଚଳରେ ସ୍ଥାନାନ୍ତର ଶ୍ରମିକ ସଂଖ୍ୟା ରୋକିବାକୁ ଯୋଜନା ବଦ୍ଧ ସମନ୍ୱୟ ପ୍ରୟାସ ଜାରି ରଖିବାକୁ ଓ ସ୍ୱେଚ୍ଛାସେବୀଙ୍କ ଅନୁଭୂତିକୁ ସାମିଲ କରି ସହଯୋଗୀ ବିକାଶରେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ । ଶେଷରେ ଡାନିଏଲ୍ ଉର୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଚଣ୍ଡିଖୋଲ କୋର୍ଟରେ ବିଶ୍ୱ ମାନବିକ ଅଧିକାର ଦିବସରେ ଆଇନ ସଚେତ

ଚଣ୍ଡିଖୋଲ (ପି.ଏନ):ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ତଥା ଜେ.ଏମ.ଏଫ.ସି ପରବିନ ମଣ୍ଡଳ ଏଥିରେ ଅଧ୍ୟକ୍ଷତା କରି ଦୁସ୍ଥ ପିଡୀତ ବ୍ୟକ୍ତିର ମାନବିକ ଅଧିକାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ଏଥିପାଇଂ ଲୋକମାନଙ୍କ ମଧ୍ୟରେ ସଚେତନତା ଲୋଡା ଆମେ ସଚେତନତାର ବାହାକ ସାଜି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

## ମହୀଧରପଡା-ଗୋବିନ୍ଦପୁର ରାସ୍ତା : ତ୍ରିନାଥବଜାର ଠାରୁ ମହୀଧରପଡା ସନ୍ତୋଳ ଶୋଚନୀୟ ପରିସ୍ଥିତି

ଫୁଲନଖରା, (ପି.ଏନ): କଟକ ଗ୍ରାମ୍ୟଉନ୍ନୟନ ବିଭାଗ ଅଧିନସ୍ଥ ମହୀଧରପଡା ଠାରୁ ୧୪ କି.ମି. ଗୋବିନ୍ଦପୁରକୁ ରାସ୍ତା ଯାଇଅଛି । ଏହି ରାସ୍ତା ଆରମ୍ଭ ତ୍ରୀନାଥବଜାରଠାରୁ ସନ୍ତୋଳ ପର୍ଯ୍ୟନ୍ତ ୩ କି.ମି. ଅତନ୍ତ୍ୟ ଖାଲଖମା ପରିପୂର୍ଣ୍ଣ ହୋଇଥିବାରୁ ଏବଂ ରାସ୍ତାର ଉଭୟ ପାର୍ଶ୍ୱ ଗଛଲତା ମାଡି ରାସ୍ତାକୁ ଆବରୋଧ କଲାଣି ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ବଜାର ରାସ୍ତା କଡକୁ ଲଗାଇ ବାଉଣ୍ଡରୀ ଘର ଇତ୍ୟାଦି ମାଡି ବସି ତିଆରି କରିବା ଦ୍ୱାରା ଦୈନ ଦିନ ଯାତାୟତରେ ଘୋର ବାଧା ସୃଷ୍ଟି ହେଉଛି। ଏହି ସମସ୍ୟାକୁ ବିଭାଗୀୟ କତୃପକ୍ଷ ବିଚାରକୁ ନେଇ ତ୍ରିନାଥ ବଜାରଠାରୁ ୭ କି.ମି. ରାସ୍ତାର ଉଭୟ ପାର୍ଶ୍ୱ ସଂପ୍ରସରଣ କରି ରାସ୍ତା କାର୍ଯ୍ୟ କରାଯିବାକୁ ଡେଣ୍ଡର କରାଯାଇଥିଲା । ଜୈନିକ ଠିକାଦାର ଦୀର୍ଘ ୪ ମାସ ତଳୁ ରାସ୍ତା ଟେଣ୍ଡର ନେଇ ନଗରୀ, ସନ୍ତୋଳ ଓ ଗବବସ୍ତ ପର୍ଯ୍ୟନ୍ତ ଖାଲିଥିବା ରାସ୍ତାର ଉଭୟପର୍ଶ୍ୱ ଜେସିପି ମେସିନ୍ ଦ୍ୱାରା ସଫାକରି ରହିଯାଇଛନ୍ତି । ଯେଉଁଠି ରାସ୍ତା ଜରୁରୀ ଆବଶ୍ୟକତା ହେଉଛି ତ୍ରିନାଥ ବଜାରଠାରୁ ସନ୍ତୋଳ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ସଫାକରାଗଲା ନାହିଁ କି ଜବରଦଖଲକାରିଙ୍କୁ ଉଚ୍ଛେଦ କରାଗଲା ନାହିଁ । ଗତ ମାସକ ତଳେ ଲଗାଣ ବର୍ଷାଯୋଗୁ ଏହି ରାସ୍ତାର ମହୀଧରପଡା ଚମାରସାହି ପୋଲ ନିକଟ, ହାଇସ୍କୁଲ ସମ୍ମୁଖ ରଙ୍ଗଣି ସାହି ପୋଲପାଖ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟତର ଘୋର ବାଧା ସୃଷ୍ଟି ହେଉଛି । ଦୈନଦିନ ଭୁବନେଶ୍ୱର କଟକରୁ ଗୋବିନ୍ଦପୁର ଅଂଚଳକୁ ଯାଉଥିବା ଟ୍ରକ ଗୁଡିକ ବା ଯାତ୍ରୀବାହି ବସ୍ ବହୁ ବିପଦର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହାଉପରେ ବିଭାଗିୟ ଉଚ୍ଚ କତୃପକ୍ଷ ମାନ୍ୟବର ବିଧାୟକ ନିଆଳୀ ଦୃଷ୍ଟି ଦେଇ ଜରୁରୀ ହୋଇପଡିଥିବା ରାସ୍ତାକାର୍ଯ୍ୟ ଆରମ୍ଭ କରିବାକୁ ମହୀଧରପଡା ଅଂଚଳରୁ ଦୃଷ୍ଟି ଆକର୍ଷଣ କରାଯାଇଛି ।

## ଟୁର ଡି କଳିଙ୍ଗ ର ସାଇକେଲ ଯାତ୍ରା

ପୁରୀ, (ପି.ଏନ): ରୁଟସ ଅଫ ଓଡ଼ିଶା ଫାଉଣ୍ଡେସନ ପକ୍ଷରୁ ହାଇ ଫାଇଭ ସୋସିଆଲ ଇନୋଭେସନ, ମିଶନ ଓଡ଼ିଶା ସହଯୋଗରେ ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇଛି ଟୁର ଡି କଳିଙ୍ଗ ର ଚତୁର୍ଥ ସଂସ୍କରଣ। ପରିବେଶ ସୁରକ୍ଷା, ବିଶ୍ୱ ତାପାୟନ ଓ ଡ୍ରଗସ ଅପବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ଗତକାଲି ଭୁବନେଶ୍ୱରରୁ ବାହାରି ଥିବା ଏହି ୨୦ ଜଣିଆ ଦଳ ଟୁର ଡି କଳିଙ୍ଗ ର ପ୍ରତିଷ୍ଠାତା ସୁଧୀର କୁମାର ଦାସଙ୍କ ନେତୃତ୍ୱରେ ପୁରୀରେ ପହଂଚି ଥିଲେ। ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଟିମ କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆଜି ପ୍ରତ୍ୟୁଷରୁ ବ୍ଲୁ ଫ୍ଲାଗ ବିଚ୍ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏହି ସାଇକେଲ ଅଭିଯାତ୍ରୀ ଦଳକୁ ଶୁଭେଚ୍ଛା ଜଣାଇବା ସହ ପତାକା ଦେଖାଇ ପୁରୀରୁ ଶୁଭାରମ୍ଭ କରିଥିଲେ ।ଏହି ଦଳ ସାତପଡ଼ା ଦେଇ କୋରାପୁଟ, ଫୁଲବାଣୀ, ନୟାଗଡ଼, ଖୋର୍ଦ୍ଧା ଅତିକ୍ରମ କରି ଚଳିତ ମାସ ୨୩ ତାରିଖରେ ଭୁବନେଶ୍ୱରରେ ପହଂଚିବେ ବୋଲି ଟିମ ଲିଡର ଶ୍ରୀ ଦାସ ସୂଚନା ଦେଇଥିଲେ। ପ୍ରକୃତିକୁ ଉପଭୋଗ କରିବାର ଶ୍ରେଷ୍ଠ ଉପାୟ ଚାଲି ଚାଲି କିମ୍ବା ସାଇକେଲ ଯାତ୍ରା ବୋଲି ଅଭିଯାତ୍ରୀ ମାନେ କହିଥିଲେ। ପୁରୀ ଜିଲ୍ଲା ପ୍ରଶାସନର ଆତିଥେୟତାରେ ସେମାନେ ଖୁସି ବ୍ୟକ୍ତ କରିବା ସହ ଶ୍ରୀଜୀଉ ମାନଙ୍କୁ ଦର୍ଶନ କରି ସେମାନେ ନିଜକୁ ଧନ୍ୟ ମନେ କରୁଛନ୍ତି ବୋଲି କହିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମା'ତାରିଣୀ ୱାକର୍ସ କ୍ଲବର ଏକାଦଶତମ ପ୍ରତିଷ୍ଠା ଦିବସ




କେନ୍ଦୁଝର:(ପି.ଏନ):କେନ୍ଦୁଝରରେ ଥିବା ସକାଳ ପଥଚାରୀଙ୍କୁ ନେଇ ଗଠିତ ମା'ତାରିଣୀ ୱାକର୍ସ କ୍ଲବର ବାର୍ଷିକୋତ୍ସବ ବଣିଆପାଟ ସ୍ଥିତ କ୍ଲ ପରିସରରେ ପାଳିତ ହୋଇଯାଇଛି । ଏହି କ୍ଲବ ବର୍ଷ ତମାମ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ବିଷୟରେ ଲୋକଙ୍କୁ ସଚେତନ କରିବା ସହ ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରିଥାଏ । ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ତଥା କ୍ଲବର ସଭାପତି ଡାକ୍ତର ପ୍ରଫୁଲ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝରର ଆରାଧ୍ୟା ଦେବୀ ମା'ତାରିଣୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ଜାତୀୟ ସଙ୍ଗୀତ ସମସ୍ତ ସଦସ୍ୟଙ୍କ ଦ୍ୱାରା ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦିବଂଗତ ସାଥି ୱାକର ବନ୍ଧୁଙ୍କ ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି କ୍ଲବର ବାର୍ଷିକତ୍ସବରେ ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡ଼ି, ମୁଖ୍ୟଅତିଥି ଭାବେ ୱାକର କ୍ଲ ୧୦୪ ଗଭର୍ଣ୍ଣର ପ୍ରଦୀପ୍ତ କୁମାର ମହାରଣା ଓ ଅନ୍ୟତମ ସମ୍ମାନତୀ ଅତିଥି ଭାବେ ଏକାମ୍ର ୱାକର କ୍ଲବର ସୁବାଷ ଚନ୍ଦ୍ର ପାଣିଗ୍ରାହୀ, କ୍ଲବର ସାଧାରଣ ସମ୍ପାଦକ ଅଧାପକ ବିଦ୍ୟାଧର ଚୌଧୁରୀ ଓ ଉପସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ ମଞ୍ଚରେ ଉପସ୍ଥିତ ଥିଲେ । ପ୍ରାତଃ ଭ୍ରମଣର ଉପକାରିତା, ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରୁ କିପରି ନିଜକୁ ସୁରକ୍ଷିତ ରଖିବା, ସୁସ୍ଥ ରହିବାର ଉପାୟ ଓ ଆବଶ୍ୟକତା ବିଷୟରେ ମଞ୍ଚରେ ଥିବା ଅତିଥିମାନେ ଉପସ୍ଥିତ ସଭ୍ୟଙ୍କୁ ବକ୍ତବ୍ୟ ମାଧ୍ୟମରେ ଉଦ୍‌ବୋଧନ ଦେଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray